


# ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ଅନୁଷ୍ଠିତ





ପୁରୀ(ନିପ୍ର): ପୁରୀ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ସମାରୋହ ବଗଲା ଧର୍ମଶାଳା ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୬୭ ବର କନ୍ୟା ବିବାହ ସୂତ୍ରରେ ଆବଦ୍ଧ ହୋଇଥିଲେ । ଏହି ଉପଲକ୍ଷେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଭିଡିଓ ବାର୍ତା ମାଧ୍ୟମରେ ଯୋଗ ଦେଇ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଏକ ଐତିହାସିକ ଯୋଜନା ବୋଲି କହିଥିଲେ । ଅନେକ ଗରିବ ଓ ଅସହାୟ ପରିବାର ରେ କନ୍ୟା ବିବାହ ଏକ କଷ୍ଟ ଦାୟକ ବ୍ୟାପାର ହୋଇଥାଏ । ଆର୍ଥିକ ଦୃଷ୍ଟି କୋଣରୁ ଅନେକ କନ୍ୟା ବିବାହ ରୁ ବଂଚିତ ହୋଇଥାନ୍ତି । କିନ୍ତୁ ସରକାରଙ୍କ ର ଏହି ମହତ୍ୱକାଂକ୍ଷୀ ଯୋଜନା ସେମାନଙ୍କ ପାଇଁ ବରଦାନ ସଦୃଶ୍ୟ ହୋଇଛି ବୋଲି ସେ କହିବା ସହ ସମସ୍ତ ନବ ଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଓ ପୁରୀ ବିଧାୟକ ସୁନିଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଏହି ଯୋଜନା ମାଧ୍ୟମରେ ଆର୍ଥିକ ଦୁର୍ବଳ, ଗରିବ ଓ ଅସହାୟ ପରିବାର କେବଳ ଉପକୃତ ହେବେ ନାହିଁ ବରଂ ଏକ ନୂଆ ପରିବାର ଘର ଓ ପରିବାର ବସାଇବାର ସ୍ୱପ୍ନ କୁ ସାକାର କରି ପାରିବେ । ବିବାହ ସ୍ୱର୍ଗରୁ ସ୍ଥିର ହୋଇଥାଏ ବୋଲି ପ୍ରବାଦ ରହିଛି । ତାହାକୁ ସାମୁହିକ ବିବାହ ମାଧ୍ୟମରେ ଆୟୋଜନ କରିବାର ପରିକଳ୍ପନା ବହୁତ ସୁନ୍ଦର ଓ ହୃଦୟସ୍ପର୍ଶୀ ବୋଲି କହିଥିଲେ । ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ପରେ ଅତିଥି ମାନେ ବିବାହ ମଣ୍ଡପର ସମସ୍ତ ନବ ଦମ୍ପତି କୁ ପୁଷ୍ପ, ଅକ୍ଷତ ଇତ୍ୟାଦି ବିଂଚି ଆଶୀର୍ବାଦ ପ୍ରଦାନ କରିଥିଲେ । ସମ୍ମାନପୂର୍ଣ୍ଣ କୁ ପ୍ରୋତ୍ସାହନ ଓ ଆଇନ ଅନୁସାରେ ବିବାହ କରିବାକୁ ସହାୟତା, ଅର୍ଥନୈତିକ ଦୁର୍ବଳ ପରିବାରର ଝିଅ ଙ୍କ ବିବାହ ଖର୍ଚ୍ଚ ହ୍ରାସ, ବାଲ୍ୟ ବିବାହ ଓ ଯୌତୁକ ପ୍ରଥା କୁ ନିରୁତ୍ସାହିତ କରିବା, ବିଧବା ପୁନର୍ବିବାହକୁ ସମର୍ଥନ ଓ ସାମାଜିକ ସୁଧାର କ୍ଷେତ୍ରରେ ସହାୟତା କରିବା ଲକ୍ଷ୍ୟରେ ଏହା ଅଧିକ ଫଳପ୍ରଦ ହୋଇ ପାରିବ । ଏହି ଅବସରରେ ନବ ଦମ୍ପତିଙ୍କୁ ବିବାହ ପ୍ରମାଣପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା । ସରକାରଙ୍କ ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ନବଦମ୍ପତିଙ୍କ ପାଇଁ ୬୦ ହଜାର ଟଙ୍କା ର ବ୍ୟବସ୍ଥା କରାଯାଇଛି । ଏଥିରୁ ୪୫ ହଜାର ଟଙ୍କା ଦମ୍ପତି ଙ୍କ ଆକାଉଂଟକୁ ଯିବ । ଅନ୍ୟ ୧୫ ହଜାର ଟଙ୍କା ରେ ବିବାହ ମଣ୍ଡପ ଠାରୁ ଆରମ୍ଭ କରି ବିବାହ ର ସମସ୍ତ ବ୍ୟବସ୍ଥା, ଭୋଜି ଆୟୋଜନ ଇତ୍ୟାଦି ବ୍ୟବସ୍ଥା ସଂପୃକ୍ତ ଏଜେନ୍ସି କରିବେ । ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଧନ୍ୟବାଦ ଅର୍ପଣ କରିଥିଲେ । ପତିତା ଉଦ୍ଧାର ସମିତି ଏହାର ଆୟୋଜନ ଦାୟିତ୍ୱ ନେଇ ସମସ୍ତ କାର୍ଯ୍ୟ କୁ ସୁନ୍ଦର ଭାବେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ର ସମସ୍ତ ଅଧିକାରୀ, କର୍ମଚାରୀ ସହଯୋଗ କରିଥିଲେ ।

## ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ଘୋଷଣା କରିଲେ ଜିଲ୍ଲାପାଳ

କଟକ(ନିପ୍ର): ଗ୍ରୀଷ୍ମ ପ୍ରବାହ କୁ ଦୃଷ୍ଟି ରେ ରଖି ଜିଲ୍ଲାର ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଗୁଡିକ ଚଳିତ ଅପ୍ରେଲ ମାସ ତା ୨୧.୦୪.୨୦୨୬ ରିଖ ଠାରୁ ୨୩.୦୪.୨୦୨୬ ରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତାତ୍ରୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଏଥି ସହିତ ଆବଶ୍ୟକସ୍ଥଳେ ବିଦ୍ୟାଳୟ ତରଫରୁ ଅନଲାଇନ୍ ଶିକ୍ଷାଦାନ କରାଯାଇପାରିବ ଏବଂ ଏହି ସମୟରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ସହ ଜିଲ୍ଲାର ସମସ୍ତ ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ କଲେଜଗୁଡ଼ିକ ମଧ୍ୟ ଉକ୍ତ ସମୟ ମଧ୍ୟରେ ବନ୍ଦ ରହିବ । ତେବେ, ପୂର୍ବନିର୍ଦ୍ଧାରିତ ପରୀକ୍ଷାଗୁଡ଼ିକ ନିୟମିତ ସୂଚୀ ଅନୁଯାୟୀ ହେବ । ଅଙ୍ଗନବାଡି କେନ୍ଦ୍ର ଗୁଡିକରେ ରନ୍ଧା ଖାଦ୍ୟ ବଦଳରେ ଶୁଖିଲା ଜିନିଷ ଘରକୁ ଦେବା ନିମନ୍ତେ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ, ପୂର୍ବରୁ ପ୍ରାତଃ ଘ୬. ୩୦ମି ଠାରୁ ସକାଳ ୯ଘଟିକା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ଶ୍ରୀ ଶିନ୍ଦେ ନିର୍ଦ୍ଦେଶ ଦେଇଥିଲେ । ବର୍ତମାନ ଗ୍ରୀଷ୍ମ ପ୍ରବାହର ବୃଦ୍ଧିକୁ ପରିଲକ୍ଷିତ କରି ପୁନର୍ବାର ସମୀକ୍ଷା କରାଯାଇ ଉପରୋକ୍ତ ନିଷ୍ପତି ଗ୍ରହଣ କରାଯାଇଛି । ଉପଯୁକ୍ତ ଗ୍ରୀଷ୍ମ ପ୍ରବାହ ସତର୍କତା ଅବଲମ୍ବନ କରି ଜନଗଣନା କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ରାଧା ମଦନମୋହନ ଜୀଉ ମନ୍ଦିରର ୧୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ବାଲିଆପାଳ(ନିପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ପଂଚାୟତ ଅନ୍ତର୍ଗତ କଚୁଆପଡ଼ା ଗ୍ରାମରେ ଥିବା ଇସ୍କନ ଶ୍ରୀଶ୍ରୀ ରାଧା ମଦନମୋହନ ଜୀଉ ମନ୍ଦିରରେ ସୋମବାର ୧୧ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ମନ୍ଦିର ପରିସରରୁ ଏକ ଆଧାର୍ମିକ ପରିବେଶ ମଧ୍ୟରେ ନଗର କୀର୍ତନ ଦଳ ବାହାରି ବାଲିଆପାଳ ଅଂଚଳର ବିଭିନ୍ନ ଛକ ବଜାର ଜଗନ୍ନାଥ ମନ୍ଦିର ଆଦି ସ୍ଥାନ ପରିକ୍ରମା କରି ମନ୍ଦିରକୁ ଫେରି ଥିଲେ । ଏହି ଅବସରରେ ଅନୁଷ୍ଠିତ ହରି କଥା ଅମୃତ ପୂର୍ବାହ୍ନ ଏଗାରଟାରୁ ଆରମ୍ଭ ହୋଇ ଅପରାହ୍ନ ୧ଘଟିକା ତିରିଶ ମିନିଟରେ ଶେଷ ହୋଇଥିଲା । ଶତାଧିକ ମହିଳା ପୁରୁଷ ଭକ୍ତ ଉପସ୍ଥିତ ହୋଇ ହରିକଥା ଶ୍ରବଣ କରିଥିଲେ । ବିଭିନ୍ନ ସ୍ଥାନରେ ଥିବା ନାମ ହଟର ସଭାପତିଙ୍କ ସହିତ ବହୁ ସନାତନି ରାଧା କୃଷ୍ଣ ପ୍ରେମି ଯୋଗଦେଇ ପ୍ରବଚନ ମାଧ୍ୟମ ରେ ହରି କଥା ଶ୍ରବଣରେ ମଜିଥିଲେ । ସନ୍ଧ୍ୟା ଆରତୀ ପରେ ଇସ୍କନ ପକ୍ଷ ରୁ ଶ୍ରୀ ଶ୍ରୀ ରାଧା ମଦନ ମୋହନ ଙ୍କ ଜୀବନ ଦର୍ଶନ ଉପରେ ଏକ ସ୍ୱତନ୍ତ୍ର ନାଟକ ଅଭିନୟ ହୋଇଥିଲା । ମନ୍ଦିର ପ୍ରତିଷ୍ଠାତା ଡା. ହରେକୃଷ୍ଣ ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମାପନ ହୋଇଥିଲା ।

## ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବିପତ୍ର ପ୍ରଦାନ

ବୈଶିଙ୍ଗା(ନିପ୍ର): ବେତନଟୀ ବ୍ଲକର ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଜାତୀୟ ଦାବି ଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ବି.ଡ଼ି. ଓ.ସୁଶାନ୍ତ କୁମାର ସୂତାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ଦାବି ସମ୍ବିଳିତ ପତ୍ର ପ୍ରଦାନ କରାଯାଇ ଅଛି । ସଂଘର ସଭାପତି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ ଓ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ଓ କର୍ମକର୍ତାଙ୍କ ଉପସ୍ଥିତି ସହ ପ୍ରଧାନ ମନ୍ତ୍ରୀଙ୍କ ନିକଟକୁ ଡାକଯୋଗେ ଅନ୍ୟ ଏକ ଦାବିପତ୍ର ପ୍ରେରଣ କରାଯାଇ ଥିଲା । ଏଥିରେ ରବୀନ୍ଦ୍ରନାଥ ମିଶ୍ର, ହରେନ୍ଦ୍ରନାଥ ବାରିକ, ଗଣେଶ ଚନ୍ଦ୍ର ସାହୁ, ରାଧାକ୍ରିଷ୍ଣ ପାତ୍ର, ବାସୁଦେବ ନାପିତ, ଯତୀନ୍ଦ୍ରନାଥ ସାହୁ, ସହଦେବ ଗିରି, କମଳ ଲୋଚନ ମହାପାତ୍ର ଦୁର୍ଯୋଧନ ସିଂ, ରାମଚନ୍ଦ୍ର ପଣ୍ଡା, ଗୁରୁଚରଣ ଭୂୟାଁ । ରବି ନାରାୟଣ ପୃଷ୍ଟି, ଗୌରଚନ୍ଦ୍ର କଲିଆ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ସଂସଦରେ ଗୃହୀତ ମାର୍ଚ୍ଚ ୨୦୨୫ ର ଭାଲିଡେସନ ଆଇନକୁ ଉଚ୍ଛେଦକରି ପୂର୍ବବତ୍ ପେନସନ ଭୋଗୀକୁ ସୁବିଧା ପ୍ରଦାନ ଏବଂ ୮ମ ବେତନ କମିଶନ ଲାଗୁ କରିବା, ରେଳ ଓ ବସରେ ରିହାତି, ଚିକିତ୍ସା ଭତା ପ୍ରଦାନ ସହ ପେନସନ ବିଭାଗର ପୁନଃ ପ୍ରଚଳନ ଭଳି ମୁଖ୍ୟ ଦାବି ଗୁଡ଼ିକ ଏଥିରେ ଅନ୍ତର୍ଭୁକ୍ତ ରହିଅଛି ବୋଲି ସମ୍ପାଦକ ଶ୍ରୀ ମହାନ୍ତି ଜଣାଇଛନ୍ତି ।

## ଜଗନ୍ନାଥ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଶୋଷଣ, ଜନଶୁଣାଣିରେ ଅଭିଯୋଗ କଲେ ଶ୍ରଦ୍ଧାଳୁ ଓ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

ମାଲକାନଗିରି(ନିପ୍ର): ପୁରୀ ଶ୍ରୀଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା ଶ୍ରଦ୍ଧାଳୁମାନେ ସେଠାରେ ନିୟୋଜିତ କର୍ମଚାରୀ ଓ ପୂଜକଙ୍କ ଦ୍ୱାରା ହଇରାଣ ହେଉଥିବା ଘଟଣା ଏବେ ଚିନ୍ତାର ବିଷୟ ପାଲଟିଛି । ସାଧାରଣ ଶ୍ରଦ୍ଧାଳୁଙ୍କ ଅଭିଯୋଗ ଅନୁସାରେ, ମନ୍ଦିର ପରିସରରେ ଡ୍ୟୁଟିରେ ଥିବା କିଛି ପୋଲିସ କର୍ମଚାରୀ କିମ୍ବା ଖାକି ପୋଷାକଧାରୀ ବ୍ୟକ୍ତି ଏବଂ ପୂଜାରୀମାନେ ପୂଜା ନାମରେ ଅହେତୁକ ଅର୍ଥ ଦାବି କରୁଛନ୍ତି । ଯାହାକୁ ନେଇ ଜନସୁନାନିରେ ଅଭିଯୋଗ କଲେ ଶ୍ରଦ୍ଧାଳୁ । ଏହି ପରିପ୍ରେକ୍ଷୀରେ ମାଲକାନଗିରି ପୋଲିସ ପକ୍ଷରୁ ଦିଆଯାଇଥିବା ତଦନ୍ତ ରିପୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚାଉଛି । ସବୁଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ହେଉଛି, ଯେତେବେଳେ ଜଣେ ଶ୍ରଦ୍ଧାଳୁ ଅସଦାଚରଣର ଶିକାର ହେଉଛନ୍ତି, ସେହି ସମୟରେ ସଂପୃକ୍ତ କର୍ମଚାରୀଙ୍କୁ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି । ଅଭିଯୋଗକାରୀଙ୍କ କହିବା ଅନୁସାରେ, ସେଠାରେ କାର୍ଯ୍ୟରତ ବ୍ୟକ୍ତିମାନେ ନିଜର ପରିଚୟ ପତ୍ର (ଆଇ କାର୍ଡ)ସାମ୍ନାରେ ରଖିବା ଆବଶ୍ୟକ । ଯଦି ପ୍ରତ୍ୟେକ ପୋଲିସ କର୍ମଚାରୀ ବା ସେବାୟତ ନିଜର ପରିଚୟ ପ୍ରଦର୍ଶନ କରି ଡ୍ୟୁଟି କରିବେ, ତେବେ କେହି ବି ସାଧାରଣ ଲୋକଙ୍କୁ ଟଙ୍କା ମାଗିବାକୁ ବା ଦୁର୍ବ୍ୟବହାର କରିବାକୁ ସାହସ କରିବେ ନାହିଁ । ପୋଲିସର ତଦନ୍ତ ରିପୋର୍ଟ କେବଳ ଘଟଣାକୁ ଅନ୍ୟ ଜିଲ୍ଲାକୁ ହସ୍ତାନ୍ତର କରିଦେଲେ ସମସ୍ୟାର ସମାଧାନ ହେବ ନାହିଁ । ବରଂ ପ୍ରଶାସନ ପକ୍ଷରୁ ଏହା ନିଶ୍ଚିତ କରାଯିବା ଉଚିତ୍ ଯେ, ମନ୍ଦିର ଭଳି ପବିତ୍ର ସ୍ଥାନରେ କାର୍ଯ୍ୟରତ ପ୍ରତିଟି ବ୍ୟକ୍ତି ନିଜର ପରିଚୟ ସହ ସେବା ଯୋଗାଇବେ, ଯାହାଦ୍ୱାରା ସ୍ୱଚ୍ଛତା ବଜାୟ ରହିବ ଏବଂ ଶ୍ରଦ୍ଧାଳୁମାନେ ନିର୍ଭୟରେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ।

## ନୂତନ ଓଭରବ୍ରିଜ୍ ନିର୍ମାଣ ଦାବିରେ ରେଳମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ଷ୍ଟେସନ ପରିସରରେ ସମାଜ କଲ୍ୟାଣ ବିକାଶ ପରିଷଦ, ଜଳେଶ୍ୱର ପକ୍ଷରୁ ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଏକ ସ୍ମାରକପତ୍ର ଜଳେଶ୍ୱର ରେଲୱେ ଷ୍ଟେସନ ମ୍ୟାନେଜର, ଜଳେଶ୍ୱର ଚନ୍ଦନ କୁମାର ସିଂହଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇ ଥିଲା । ସମାଜ କଲ୍ୟାଣ ବିକାଶ ପରିଷଦ ର ଉପସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ତଥା ସମାଜ କଲ୍ୟାଣ ବିକାଶ ପରିଷଦ ଜଳେଶ୍ୱର ର ଏଡଭାଇଜର କମଳ ଚକ୍ରବର୍ତୀ ତଥା ସମାଜ କଲ୍ୟାଣ ବିକାଶ ପରିଷଦର କୋଷାଧ୍ୟକ୍ଷ ବନମାଳୀ ଧଳ ସହିତ ଷ୍ଟେସନ ମ୍ୟାନେଜରଙ୍କୁ ଏକ ସ୍ମାରକ ପତ୍ର ଜଳେଶ୍ୱର ଷ୍ଟେସନର ସାମଗ୍ରିକ ବିକାଶ ସହିତ ୪୬ ନମ୍ବର ଲେବୁଲ କ୍ରସିଙ୍ଗ ଠାରେ ନୂତନ ଓଭରବ୍ରିଜ୍ ନିର୍ମାଣ ସହିତ ଜଳେଶ୍ୱର ଷ୍ଟେସନରେ ଫୁଟ ଓଭରବ୍ରିଜ୍ ନିର୍ମାଣ ରେ ଅହେତୁକ ବିଳମ୍ବ ଯୋଗୁଁ ଆଇରନ ଷ୍ଟ୍ରକଚର ରେ ଅତିଶୀଘ୍ର ଏକ ଫୁଟବ୍ରିଜ ନିର୍ମାଣ, ଅମୃତ ଭାରତ ଷ୍ଟେସନ ଅନ୍ତର୍ଭୁକ୍ତ କାର୍ଯ୍ୟ ଅତ୍ୟନ୍ତ ନୈରାଶ୍ୟଜନକ, ସମସ୍ତ ସାପ୍ତାହିକ ଟ୍ରେନ ଅପ ଏବଂ ଡାଉନ୍ ଜଳେଶ୍ୱର ଷ୍ଟେସନରେ ରହଣୀ, ଜଳେଶ୍ୱର ଷ୍ଟେସନ ସମ୍ମୁଖରେ ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତି ସ୍ଥାପନ, ଜଳେଶ୍ୱରରୁ ପୁରୀ ମେମୁ ଟ୍ରେନକୁ କବି ଦୀନକୃଷ୍ଣଙ୍କ ନାମରେ ନାମ କରଣ କରିବା, ଭୋଗରାଇର ଜଳେଶ୍ୱର ପୁର ଛକରେ ରେଲୱେର ଏକ ଟିକେଟ କାଉଂଟର ର ସେଲିଂ ଦୀଘା ଷ୍ଟେସନ ନାମରେ ନଯାଇ ଜଳେଶ୍ୱର ଷ୍ଟେସନର ରେଭନ୍ୟୁ ସହିତ ଯୋଡ଼ିବା, ବର୍ଗି ଇଣ୍ଡିକେଟର୍ କାର୍ଯ୍ୟ ସମାପନ ହୋଇଥିଲା ବେଳେ କାର୍ଯ୍ୟକରିବା ରେ ବିଳମ୍ବ, ଏ ସମସ୍ତ ଦାବି କୁ ଆଖି ଆଗରେ ରଖି ଜଳେଶ୍ୱର ସମସ୍ତ ଛାମୁଆଁ ସଂଗଠନ ମାନଙ୍କୁ ନେଇ ତା ୨୭/୪/୨୦୨୬ ରିଖ ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଏକ ପ୍ରତୀକାତ୍ମକ ଧାରଣା ଦିଆଯିବ । ଏଥିରେ ଜଳେଶ୍ୱରର ସମସ୍ତ ଜନସାଧାରଣ ସହଯୋଗ କରି ଜଳେଶ୍ୱର ଷ୍ଟେସନ ର ସର୍ବବିଧ ବିକାଶ ପାଇଁ ସଂଗଠିତ ହେବା ପାଇଁ ନିବେଦନ ।

## ବିଭିନ୍ନ ଦାବି ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବାଲିଆପାଳ(ନିପ୍ର): ଦାବି ଦିବସ ଅବସରରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅବସପ୍ରାପ୍ତ ଶିକ୍ଷକ କର୍ମଚାରୀ ସଙ୍ଘ ପକ୍ଷରୁ ମଙ୍ଗଳବାର ପୂର୍ବାହ୍ନ ଦଶ ଘଟିକା ସମୟରେ ପୃଥକ ପୃଥକ ଦାବୀ ସମ୍ବଳିତ ଦୁଇଟି ଦାବୀ ପତ୍ର ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିଆପାଳ ବିଡିଓଙ୍କୁ ପ୍ରଦାନ କରଯାଇଛି । ପ୍ରଧାନମନ୍ତ୍ରୀଙ୍କ ଉଡେଶ୍ୟରେ ଦିଆଯାଉ ଥିବା ଦାବିପତ୍ରରେ ଦଶଟି ଦାବୀ ଉଲ୍ଲେଖ କରଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଉଥିବା ଦାବୀ ପତ୍ରରେ ୯ଟି ଦାବି ଉଲ୍ଲେଖ ରହିଛି । ସେଗୁଡ଼ିକ ମଧ୍ୟରେ ମୁଖ୍ୟ ଦାବୀ ହେଲା କେନ୍ଦ୍ର ସରକାରଙ୍କ ସମକକ୍ଷ ଚିକିତ୍ସା ଭତା ପ୍ରଦାନ ସହିତ ସ୍ୱାସ୍ଥ୍ୟରେ ବୀମା ଯୋଜନାର ଅନ୍ତର୍ଭୂକ୍ତ କରିବା, ପିଜି/ପିଏ ବିଭାଗର ପୁନରୁଦ୍ଧାର, ୬୫ ବର୍ଷ ବୟସରେ ଅତିରିକ୍ତ ପେନସନ ପ୍ରଦାନ, ପେ ମ୍ୟାଟ୍ରିକ୍ସ ସୂତ୍ର ମାଧ୍ୟମରେ ପେ ପେନସନର ସଂଶୋଧନ, ପରିବହନ ପୁନରୁଦ୍ଧାର ଅବଧିକୁ ୧୫ ବର୍ଷରୁ ୧୦ ବର୍ଷ ୮ ମାସକୁ ହ୍ରାସ କରିବା । ଏନ ପିଏସ ଓ ଇଉପିଏସ ବଦଳରେ ଓପିଏସ ପୁନଃସ୍ଥାପନ, ସର୍ବନିମ୍ନ ପେନସନ ଟଙ୍କା ନଅ ହଜାର ପ୍ରଦାନ ଏବଂ ଚାକିରିର ଯୋଗ୍ୟତା ବର୍ଷକୁ ୨୦ ବର୍ଷକୁ ହ୍ରାସ କରିବା ପରି ୯ଟି ଦାବି ରହିଥିବା ବେଳେ ପ୍ରଧାମନ୍ତ୍ରୀଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଥିବା ପତ୍ରରେ ଆର୍ଥିକ ବିଲ୍ ବୈଧିତା ଆଇନ ୨୦୨୫କୁ ରଦ୍ଦ କରାଯିବା, ୩୧ ଡିସେମ୍ବର ୨୦୨୫ ପୂର୍ବରୁ ଅବସର ନେଇଥିବା ସମସ୍ତଙ୍କୁ ୮ମ କେନ୍ଦ୍ରୀୟ ବେତନ କମିଶନର ଲାଭ ପ୍ରଦାନ କରାଯିବା, ସମସ୍ତ ରାଜ୍ୟରେ ମହଙ୍ଗା ଭତା (ଡିଏ) କେନ୍ଦ୍ର ସରକାରଙ୍କ ପେନସନଭୋଗୀଙ୍କ ସମାନ ସ୍ତରକୁ ବୃଦ୍ଧି କରାଯିବା ଏବଂ କୋଭିଡ-୧୯ ଅବଧିରେ ୧୮ ମାସର ବକେୟା ମହଙ୍ଗା ଭତା ସୁଧ ସହିତ ପ୍ରଦାନ କରାଯିବା, ଟ୍ରେନ୍ ଯାତ୍ରା, ବିମାନ ଯାତ୍ରା, ଭଲଭୋ ଏସି ବସ୍ ଏବଂ ଘରୋଇ ସମବାୟ ବସ୍ ଭଡ଼ାରେ ରିହାତି ପୁନଃସ୍ଥାପିତ କରାଯିବା, ସରକାରୀ ପ୍ରତିଷ୍ଠାନର ଘରୋଇକରଣ ବନ୍ଦ କରାଯିବା, ଚାରୋଟି ନୂତନ ବିପଦପୂର୍ଣ୍ଣ ଶ୍ରମ ସଂହିତାକୁ ଉଚ୍ଛେଦ କରାଯିବା, ନୂତନ ଶିକ୍ଷା ନୀତି ୨୦୨୦କୁ ବଦଳାଯିବା ଭଳି ବହୁ ଗୁରୁତ୍ୱ ପୂର୍ଣ୍ଣ ନଅଟି ଦାବି ଉଲ୍ଲେଖ କରାଯାଇଅଛି । ମଇ ୧୦ ତାରିଖ ସୁଦ୍ଧା ସମସ୍ତ ଦାବି ପୂରଣ କରାନଯାଏ ତାହେଲେ ରାଜ୍ୟ ସରକାରୀ ପେନସନଭୋଗୀମାନେ ମଇ ମାସ ୧୩ ତାରିଖରୁ ମଇ ମାସ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ପିଏମଜି ସ୍କୋୟାରରେ ଗଣ ଧାରଣା ଦେବେ ବୋଲି ଚେତବନି ଦେଇଛନ୍ତି ।

## ମିଡ଼ିଆ ଲାଫିଙ୍ଗ କ୍ଲବ ଉଦ୍‌ଘାଟିତ




ପାରାଦୀପ(ନିପ୍ର): ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ଦ୍ୱାରା ପ୍ରତିଷ୍ଠିତ 'ପାରାଦୀପ ମିଡ଼ିଆ ଲାଫିଙ୍ଗ କ୍ଲବ' ସୋମବାର ସନ୍ଧ୍ୟାରେ ବଡ଼ପଡ଼ିଆ ସିନେମା ହଲ ନିକଟରେ ଉଦଘାଟିତ ହୋଇ ଯାଇଛି । କ୍ଲବର ପ୍ରତିଷ୍ଠାତା ସଦସ୍ୟ ରାକେଶ ପଟ୍ଟନାୟକ, ସୁଧାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅଂଚଳର ପ୍ରସିଦ୍ଧ ହାସ୍ୟ ଓ ବ୍ୟଙ୍ଗ କବି ହେମନ୍ତ ମାଝୀ ଅତିଥି ଭାବେ ଯୋଗଦେଇ ଦୈନନ୍ଦିନ ହସିବା ମାନସିକ ସ୍ତରରେ ବହୁ ସକାରାତ୍ମକ ପ୍ରଭାବ ପକାଇଥାଏ ବୋଲି କହିବା ସହ ବ୍ୟଙ୍ଗ କଥା କହି ଉପସ୍ଥିତ ସମସ୍ତଙ୍କୁ ମନଖୋଲା ହସାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀ କୁମରବର ନାୟକ, କ୍ଷୀରୋଦ କୁମାର ସ୍ୱାଇଁ, ଚିନ୍ମୟ ପରିଡା, ବରିଷ୍ଠ ସାମ୍ବାଦିକ ଶୁକଦେବ ଜେନା, ଭାଗିରଥି ମଲ୍ଲିକ, ଶଶାଙ୍କ ଶେଖର ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ନାରାୟଣ ବେହେରା, ବିନୟ କୁମାର ରାୟ, ମନୋଜ ଦାସ, ସଞ୍ଜୟ ମିଶ୍ର, କର୍ମେଶ୍ୱର ସ୍ୱାଇଁ, ପ୍ରଶାନ୍ତ ସ୍ୱାଇଁ, ପ୍ରୀତି ରଞ୍ଜନ ମହାପାତ୍ର, ଅଜିତ ଦାସ,ଦୀପକ ଦାସ, ତ୍ରିଲୋଚନ ମହାପାତ୍ର, ପ୍ରଦୀପ କିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଥାଉକି, ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟରତ ସାମ୍ବାଦିକ ମାନେ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ପ୍ରତିଷ୍ଠା କରି ବନ୍ଦର ସହରର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ ଓ ସ୍ୱଛତା କାର୍ଯ୍ୟକ୍ରମ ଜାରି ରଖିଥିବା ବେଳେ ମାନସିକ ଚାପ ହ୍ରାସ ପାଇଁ ଏବେ 'ପାରାଦୀପ ମିଡ଼ିଆ ଲାଫିଙ୍ଗ କ୍ଲବ' ଗଠନ କରି ସାଧାରଣରେ ଉଦାହରଣ ସୃଷ୍ଟି କରିଛନ୍ତି କ୍ଷ ତେବେ ବ୍ୟସ୍ତବହୁଳ ସାମ୍ବାଦିକତା କାର୍ଯ୍ୟ ସହିତ ସମାଜର ମଙ୍ଗଳ ପାଇଁ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଏଭଳି ମହତ ପ୍ରଚେଷ୍ଟାକୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଉଚ୍ଚ ପ୍ରଶଂସା କରିଛନ୍ତି ।


**AFFIDAVIT**

By virtue of an affidavit sworn before Executive Magistrate, Baripada, Mayurbhanj dated 08.09.2025 I, Radhashyam Murmu, S/o- Seral Chandra Murmu permanent resident of Village-kenduhata, Po- Salbani, PS- Khunta, Dist-Mayurbhanj, Pin- 757075, Aadhar No. 5413 7876 8793 declared that I have changed my name from Shyam Murmu to Radhashyam Murmu. Henceforth, I shall be known as Radhashyam Murmu for all purposes.

Sd/-
Radhashyam Murmu



No. 10001/75/2627

**National Health Mission, Balasore.**
O/o. The CDM & PHO, Balasore, PIN: 756001.
Email:dpmubal@gmail.com


Tender No. 6887 — Date: 21.04.2026




**TENDER CALL NOTICE FOR SELECTION OF AGENCY FOR ENGAGEMENT OF TECHNO-MANAGERIAL MANPOWER AND OUTSOURCING OF PARAMEDICS & NURSING SERVICES AT GOVT HEALTH INSTITUTIONS OF BALASORE DISTRICT**

Sealed Request for Proposal (RFP) are invited from eligible Agency for Engagement Techno-managerial manpower and outsourcing of paramedics & nursing services at Govt Health Institutions of Balasore district. The details are available in the district website: www.balasore.odisha.gov.in. Interested agencies may submit their complete proposals superscribing the RFP No and date on the top of the envelop addressing clearly to the CDM & PHO, Balasore ,At/Po/Dist-Balasore ,PIN-756001.The eligible bidders may submit their RFP on or before **dt.12.05.2026** (upto **12:00 Noon**) through Registered Post/Speed Post/Courier only. The tender documents will be opened on **dt.13.05.2026 at 10:00 AM** in DPMU Conference Hall ,O/o CDM&PHO,Balasore. The undersigned reserves the right to accept or reject any or all the bid documents without assigning any reason thereof. Undersigned will not be resposible for any postal delay.

OIPR. 10001/10032/1/26-27/0001

Sd/-
CDM&PHO-cum-DMD
Balasore







ଭଗବାନଙ୍କ ନିକଟରେ ଆତ୍ମସମର୍ପଣ କରି ଦେଲେ, ତାଙ୍କ ଅନୁଗ୍ରହ ପାଇଁ ଅପେକ୍ଷା କରିବାର ଆବଶ୍ୟକତା ପଡ଼ିବ ନାହିଁ ।

# ଆଜିକାଲି



ତସ୍ୟ ସଂଜନୟନ୍ ହର୍ଷଂ କୁରୁବୃଦ୍ଧଃ ପିତାମହଃ ।
ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍
(ଶ୍ରୀମଦ୍ ଭଗବତ୍ ଗୀତା)

ଭାବାର୍ଥ : ଦ୍ରୋଣାଚାର୍ଯ୍ୟଙ୍କୁ ରାଜା ଦୁର୍ଯ୍ୟୋଧନ ଏହିପରି କହିବା ପରେ କୌରବକୁଳର ବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କର ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦ ପରି ଗର୍ଜନ କରି ଶଙ୍ଖ ବଜାଇଲେ ।

## ପୁଣି ଖରା ଓ ଗୁଳୁଗୁଳି

କ୍ରମାଗତ କାଳବୈଶାଖୀ ଯୋଗୁଁ କିଛି ଦିନ ଉତାପ ବେଶ କମି ଯାଇ ଥିଲା । ମାର୍ଚ୍ଚ ଶେଷରୁ ଏପ୍ରିଲ ୧୮ ପର୍ଯ୍ୟନ୍ତ ପ୍ରାୟତଃ କାଳବୈଶାଖୀ କୌଣସି ନା କୌଣସି ଜିଲ୍ଲାରେ ବର୍ଷା ପବନ ଯୋଗୁଁ କ୍ଷତି ଘଟିଥିଲା । ଏବଂ ରାଜ୍ୟବାସୀ ମଧ୍ୟ ଏହି ବର୍ଷା ଫଳରେ ଗରମରୁ ରକ୍ଷା ପାଇଥିଲେ । କିନ୍ତୁ ଗତ ୨ ଦିନ ଧରି ପୁଣି ତାତି ଓ ଗୁଳୁଗୁଳି ଯୋଗୁଁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । ଦିନ ୧୦ଟା ପରେ ପରେ , ପ୍ରଚଣ୍ଡ ଖରା ଓ ତାତି ଅପରାହ୍ନ ପର୍ଯ୍ୟନ୍ତ ଲାଗି ରହୁଛି । ଲୋକେ ଦିନ ୧୦ଟା ପରେ ଘରୁ ବାହାରକୁ ବାହାରିବା ପାଇଁ ଇଛା କରୁ ନାହାଁନ୍ତି । ଉପକୂଳ ଓଡ଼ିଶାରେ ପ୍ରଚଣ୍ଡ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହେଉଛନ୍ତି । ଏପରିକି ରାଜଧାନୀ ଭୁବନେଶ୍ୱରରେ ତାପମାତ୍ରା ୩୬ ଡିଗ୍ରୀଥିବା ବେଳେ ଏହା ୫୦ ଡିଗ୍ରୀକୁ ଟପିଗଲା ବୋଲି ସାଧାରଣରେ ଆଲୋଚନା ହେଉଛି । ଅନୁଗୁଳରେ ଗତକମାଲି ଗରମ ଥିଲା ଏବଂ ଆଜି ମଧ୍ୟ ଆହୁରି ଅଧିକ ବଢ଼ିଛି ବୋଲି ଜଣାପଡ଼ିଛି । ଦିନ ୧୧ଟା ପରେ ପରେ ପ୍ରଚଣ୍ଡ ଖରା ସାଙ୍ଗକୁ ଗୁଳୁଗୁଳି ଯୋଗୁଁ ଘରୁ ବାହାରିବା ସମ୍ଭବ ହେଉନାହିଁ । ସେହିଭଳି ପଶ୍ଚିମ ଓଡ଼ିଶାର କଥା ନ କହିଲେ ଭଲ । ଟିଟିଲାଗଡ଼ ପୁଣି ତତଲାଗଡ଼ରେ ପହଂଚିବାକୁ ଯାଉଛି । ପାଣିପାଗ ବିଭାଗ ପୁଣି ଲୋକଙ୍କୁ ଜଣାଉଛି ଆହୁରି ତାପମାତ୍ରା ୪ ଡିଗ୍ରୀ ବଢ଼ିବା ଆଶଙ୍କା ରହିଛି ଗୁଳୁଗୁଳି ଓ ତାତି ଲାଗି ରହିବ । ପୁଣି କାଳବୈଶାଖୀ ଆରମ୍ଭ ହୋଇ କିଛି ଦିନ ବର୍ଷା ପବନ ହୋଇପାରେ । ଏହି ଦୃଷ୍ଟିରୁ ରାଜ୍ୟ ସରକାର ଲୋକମାନେ କେଉଁ ନିୟମ ମାନି ଚଳିବେ ସେଥିପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଲୋକେ ତାତି ଓ ଗରମରୁ କିପରି ରକ୍ଷା ପାଇବେ ଏବେଠୁ ସତର୍କ ରହିବା ଏକାନ୍ତ ଆବଶ୍ୟକ । ନଚେତ୍ ଅଂଶୁଘାତରେ ଆକ୍ରାନ୍ତ ହେବାର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ ।

## ମନ

◆ ହରେକୃଷ୍ଣ ଶତପଥୀ

ପଂଚମହାଭୂତରେ ଗଢ଼ା ଏ ଶରୀର
ମନ ତା'ର ମହାମେରୁ ଅଚଳ ଶକ୍ତିର
ଚରୈବେତି ଚରୈବେତି ମହାମନ୍ତ୍ର ଧରି
ଲଙ୍ଘିଯାଏ ସେ ଏହି ଭବପାରାବାର ।।୧।।
ଅଛି ବାତ୍ୟା, ଝଡ଼ବର୍ଷା, ଖରା ଆଉ ଶୀତ
ଦେବତା ହେଲେ ବି ମୃତ୍ୟୁ ଅଟେ ସୁନିଶ୍ଚିତ
ଦୀପଜଳି ଅନ୍ଧାରକୁ କରେ ଆଲୋକିତ
ନିଜ ତଳ ଅନ୍ଧାର ପାଇଁ ନୁହେଁ ସେ ଚିନ୍ତିତ ।।୨।।
ଫେରିବା ବାଟକୁ କେବେ ସେ ଚାହେଁନି
ବର୍ଷ, ମାସ, ଦିନ, ଦଣ୍ଡ କେବେ ସେ ଗଣେନି,
ସଂସାର ପଥରେ ଚାଲୁଚାଲୁ କେବେ ସେ ଥକେନି
ମାନବ ମାଧବ ମଧ୍ୟରେ ତୁଳନା ସେ କରେ ନି ।।୩।।
ଦେଖେନି ସେ ସ୍ୱପ୍ନ ଆଖିବୁଜି ଦେଇ
ବାସ୍ତବ ଯାହା ସେ ମନେ ବିଚାରଇ
ସାକାର କରିବାକୁ ଦୃଢ଼ ଇଚ୍ଛାବଳେ
ପୂରଣ କରେ ତାହା କଳେ, ବଳେ, ଅବା କଉଶଳେ ।।୪।।
ଗାତସ୍ୟ ହି ଧ୍ରୁବ, ମୃତ୍ୟୁ ଅଟେ ମହାମନ୍ତ୍ର
ସ୍ୱାଗତ କରେ ନାହିଁ ତାକୁ ଜାଳି ଧୂପ ଓ ଦୀପ
ପଂଚେନ୍ଦ୍ରିୟ ଶରୀରରେ ଚତୁର୍ବର୍ଗ ଫଳ ଆଶା ନ କରିବା
ନିଷ୍କାମ କର୍ମ କରିଯାଏ ଏ ଧରା ବକ୍ଷେଣ ।।୫।।

*ଏଡ଼ଭୋକେଟ, ମହମଦପୁର, ପୁରୁଣାବାଲେଶ୍ୱର, ବାଲେଶ୍ୱର*

## ଧରିତ୍ରୀ ଦିବସ

ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ଏପ୍ରିଲ ୨୨ ତାରିଖକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳନ କରାଯାଏ । ୧୯୭୦ ମସିହାରେ ଏହି ଦିବସ ପ୍ରଥମେ ପାଳନ କରାଯାଇଥିଲା । ଧରିତ୍ରୀ ଦିବସ ନେଟୱାର୍କ ଦ୍ୱାରା ଏବେ ଏହା ବିଶ୍ୱର ୧୯୩ରୁ ଅଧିକ ଦେଶରେ ପାଳନ କରାଯାଉଛି । ଆମେରିକା ସିନେଟ୍‌ର ଜେରାଲ୍ଡ ନେଲସନ୍‌ଙ୍କ ଦ୍ୱାରା ୧୯୭୦ରେ ଏକ ପରିବେଶ ଶିକ୍ଷା ରୂପେ ଏହା ସ୍ଥାପନା କରାଯାଇଥିଲା । ଏ ଅବସରରେ ବିଭିନ୍ନ ସରକାରୀ, ବେସରକାରୀ ଓ ଘରୋଇ ସଂସ୍ଥା ପକ୍ଷରୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା ସମ୍ବନ୍ଧୀୟ ସମ୍ମେଳନ ଆଦି ଆୟୋଜିତ ହୋଇଥାଏ । ଧରିତ୍ରୀକୁ କିଭଳି ପ୍ରଦୂଷଣରୁ ରକ୍ଷା କରାଯାଇପାରିବ ଏବଂ ତାର ଉଚିତ ଯତ୍ନ ନିଆଯିବ, ସେ ନେଇ ବିଭିନ୍ନ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରାଯାଏ । ସ୍କୁଲ କଲେଜ ଗୁଡ଼ିକରେ ଏ ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ । ଏଥିସହ ଚାରା ରୋପଣ, ପ୍ରଦୂଷଣମୁକ୍ତ ପରିବେଶ ପାଇଁ ସଂକଳ୍ପ ନିଅନ୍ତି ବିଶ୍ୱବାସୀ ।

## ସୁରକ୍ଷିତ ପୃଥିବୀ ପାଇଁ ଆହ୍ୱାନ

◆ ଡକ୍ଟର ରାଜକିଶୋର ମିଶ୍ର



ପୃଥିବୀ ଆମର ମାଆ । ତାରି କୋଳରେ ଜନ୍ମ ନେଇ ତାରି କୋଳରେ ବଢ଼ି ଖେଳି ଆମେ ଜୀବନ ନିର୍ବାହ କରିଥାଉ । ଏହିଠାରେ ଆମର ଜନ୍ମ, ତାପରେ କର୍ମ ଏବଂ ତାପରେ ମୃତ୍ୟୁ । ଯେଉଁଠାରେ ଆମେ ଜନ୍ମ ହୋଇ ସମଗ୍ର ଜୀବନକୁ ଅତିବାହିତ କରି ଶେଷରେ ମୃତ୍ୟୁବରଣ କଲେ ତାହାର ସୁରକ୍ଷା କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ପୃଥିବୀକୁ ସୁରକ୍ଷା କରିବା ଅର୍ଥ ଆମ ମାଆକୁ ସୁରକ୍ଷା କରିବା । ସୁରକ୍ଷିତ ପୃଥିବୀ ହିଁ ସୁସ୍ଥ ମାନବ ଜାତି ତଥା ସମଗ୍ର ଜୀବଜଗତ ପାଇଁ ଅତ୍ୟନ୍ତ ମଙ୍ଗଳପ୍ରଦ । ସମ୍ପ୍ରତି ବିଜ୍ଞାନର ସହଯୋଗ ମଣିଷର ଜୀବନଯାତ୍ରାକୁ ମଧୁମୟ କରିଛି । ସେଥିପାଇଁ ତ ମଣିଷ ସୁଖଶାନ୍ତିରେ ପୃଥିବୀରେ ବସବାସ କରୁଛି । ମାତ୍ର ସେ ଦେଇଛି କ'ଣ, ପୃଥିବୀକୁ ବରଂ ପ୍ରତି ବଦଳରେ ନିଜ ସୁଖ ସୁବିଧା ପାଇଁ ସେ ସୁନ୍ଦର ପ୍ରକୃତି ଉପରେ କରିଚାଲିଛି ଅକଥନୀୟ ଅତ୍ୟାଚାର । ଦିନକୁ ଦିନ ଗଛ କାଟୁଛି, ଜଙ୍ଗଲ ସଫା କରୁଛି । ସେଥିପାଇଁ ତାପମାତ୍ରା ବଢ଼ୁଛି । ଠିକ୍ ସମୟରେ ବର୍ଷା ହେଉନାହିଁ । ରୌଦ୍ରତାପର ଅସହ୍ୟ । ତା'ସାଙ୍ଗକୁ କଳକାରଖାନା ଯାନବାହନ ପାଇଁ ବହୁ ପରିମାଣରେ ବଢ଼ିଚାଲିଛି ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଓ ଜଳ ପ୍ରଦୂଷଣ । ଫଳରେ ମନୁଷ୍ୟ ନିଜେ ହିଁ ବିବିଧ ସମସ୍ୟା ଏବଂ ନାନାବିଧ ସମସ୍ୟାର ସମ୍ମୁଖୀନ ହେଉଛି । ଏଥିପାଇଁ ବେଳ ହୁଁ ସଜାଗ ରହିବା ଏକାନ୍ତ ଆବଶ୍ୟକ । ସେଥିପାଇଁ ସଜାଗ ନହେଲେ ଖୁବ୍ କମ୍‌ଦିନ ମଧ୍ୟରେ ବିଶ୍ୱ ଧ୍ୱଂସ ପାଇବାଟା ହିଁ ସାରା ହେବ । ସୁନ୍ଦର ପୃଥିବୀକୁ ଦିନକୁ ଦିନ ମାଡ଼ି ଆସୁଥିବା ବିପଦରୁ ରକ୍ଷା କରିବା ପାଇଁ ସମଗ୍ର ବିଶ୍ୱବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏକାନ୍ତ ଆବଶ୍ୟକ । ୧୯୭୦ ମସିହା ଏପ୍ରିଲ ମାସ ୨୨ ତାରିଖ ଦିନ ଏହିସବୁ କାରଣରୁ ଜନ ସଚେତନତା ପାଇଁ ପୃଥିବୀ ଦିବସ ପାଳନ କରାଯାଇଥିଲା । ସେହିଦିନ ଠାରୁ ପ୍ରତିବର୍ଷ ଏପ୍ରିଲ ମାସ ୨୨ ତାରିଖ ଦିନ ସମଗ୍ର ବିଶ୍ୱରେ ବିଧିବିଧାନର ସହିତ ପୃଥିବୀ ଦିବସ ପାଳିତ ହୋଇଆସୁଛି । ସମସ୍ତ ବିଶ୍ୱବାସୀଙ୍କୁ ଆକସ୍ମିକ ବିପଦରୁ ରକ୍ଷା କରିବା ପାଇଁ ପୃଥିବୀବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ । ଆଜିର ବିଜ୍ଞାନ ସମଗ୍ର ମାନବଜଗତକୁ ଦେଉଛି ଅନେକକିଛି, ଯାହା ମଣିଷର ଜୀବନଯାତ୍ରାକୁ ସହଜ ତଥା ସୁଗମମୟ କରିଦେଇଛି । ଫଳରେ ମାନବ ସମାଜ ଶାନ୍ତିରେ ବସବାସ କରିପାରୁଛି । ମାତ୍ର ଏ ମନୁଷ୍ୟଜାତି, ନିଜର ସୁଖ ସ୍ୱାଚ୍ଛନ୍ଦ୍ୟ ତଥା କ୍ଷଣିକ ସୁଖ ପାଇଁ ସର୍ବୋପରି ଅଧିକ ଆନନ୍ଦ ପାଇଁ ନଷ୍ଟ କରି ଚାଲିଛି ପ୍ରକୃତିରାଣୀକୁ । ଗଛ କାଟିବା ଦ୍ୱାରା ତାପମାତ୍ରା ବଢ଼ୁଛି, ଠିକ୍ ସମୟରେ ବର୍ଷା ହେଉନାହିଁ । ମୌସୁମୀ ଠିକ୍ ସମୟରେ ଆସୁନାହିଁ, ଅପରପକ୍ଷରେ କଳକାରଖାନା, ଯାନବାହନ ଏପରି ଦ୍ରୁତଗତିରେ ବଢ଼ି ଚାଲିଛି ଯେ, ଯଦ୍ୱାରା ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ ଏବଂ ଜଳ ପ୍ରଦୂଷଣ ବଢ଼ୁଛି, ଆମେ ଜାଣିଶୁଣି ଆମ ପାଇଁ ବିପଦକୁ ଟାଣି ଆଣୁଛୁ । ଏଣୁ ବେଳହୁଁ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡ଼ିବ, ନହେଲେ ଅବିଳମ୍ବେ ବିଶ୍ୱ ଧ୍ୱଂସ ପାଇବ । ଏଣୁ ଆମେମାନେ ସମସ୍ତେ ବିଶ୍ୱବାସୀ ସଜାଗ ହୋଇ ବିଶ୍ୱକୁ ଆକସ୍ମିକ ବିପଦରୁ ରକ୍ଷା କରିବା ଉଚିତ । ଏହିସବୁ ଦୃଷ୍ଟିକୋଣରୁ ଆଖି ଆଗକୁ ଆଣି ବିଶ୍ୱ ସଚେତନତା ସୃଷ୍ଟି କରିବା ପାଇଁ ସମଗ୍ର ବିଶ୍ୱରେ ଅପ୍ରେଲ ମାସ ୨୨ ତାରିଖକୁ ପୃଥିବୀ ଦିବସ ରୂପେ ପାଳନ କରାଯାଉଛି ।

*ଉଦ୍ଭିଦ ବିଜ୍ଞାନୀ ଓ ପରିବେଶବିତ୍, ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ : ୭୦୦୮୧୮୧୮୨୦*

## ଶ୍ରୀଜଗନ୍ନାଥ ସଂସ୍କୃତିର ଅପୂର୍ବ ପର୍ବ



◆ ହେମନ୍ତ କୁମାର ଗନ୍ତାୟତ

ଶ୍ରେଷ୍ଠୋତମ ଭାରତ ବର୍ଷର ଖ୍ୟାତ ସମ୍ପର୍ଣ୍ଣ ପୁଣ୍ୟ ଭୂମି ହେଉଛି ଉତ୍କଳ ବା ଓଡିଶା ପ୍ରଦେଶ । ଏହାର ସଂସ୍କୃତି ଓ ପରମ୍ପରା ଅତୀବ ପ୍ରାଚୀନ । ଏ ପ୍ରଦେଶର ଦୃଷ୍ଟାନ୍ତ ମହର୍ଷି ବେଦବ୍ୟାସଙ୍କ ବିରଚିତ ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡରେ ଦେଖିବାକୁ ମିଳେ: 'ଉତ୍କଳୋନାମ ଦେଶୋଽସ୍ତି ଖ୍ୟାତଃ ପରମପାବନଃ' । ଅର୍ଥାତ୍ ଉତ୍କଳ ନାମରେ ଏ'ପରି ଏକ ଦେଶ ରହିଛି', ଯା'ର ଖ୍ୟାତି ଚତୁର୍ଦ୍ଦିଗରେ ସୁବିଦିତ । ଏହି ପବିତ୍ର ଭୂମିରେ ବାର ମାସରେ ତେର ପର୍ବ ପାଳନ କରାଯାଏ । ଏଥି ମଧ୍ୟରୁ 'ଅକ୍ଷୟ ତୃତୀୟା' ବା 'ଅକ୍ଷି ତୃତୀୟା' ଅନ୍ୟତମ । ଯାହା ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥିରେ ପାଳନ କରାଯାଏ । ଏହି ଦିନ କରାଯାଇଥିବା ଶୁଭ କାର୍ଯ୍ୟର ଫଳ ଅକ୍ଷୟ ରହିଥାଏ ବୋଲି ବିଶ୍ୱାସ ରହିଛି । ଏଣୁ 'ଅକ୍ଷୟ' ଶବ୍ଦର ଅର୍ଥ କୁହାଯାଇଛି ଯାହାର କ୍ଷୟ ହୁଏନାହିଁ । ଏହି ପବିତ୍ର ତିଥିର ଧାର୍ମିକ, ପୌରାଣିକ,କୃଷି ଓ ସଂସ୍କୃତି ଆଦିର ପ୍ରମୁଖ ଭୂମିକା ରହିଛି । ତେଣୁ ଧାର୍ମିକ ବିଧି ଅନୁଯାୟୀ ଶାସ୍ତ୍ରରେ କୁହାଯାଇଛି:

*ଅସ୍ୟାଂ ତିଥୌ କ୍ଷୟମୁପୈତି*
*ହୁତଂ ନ ଦତଂ*
*ତେନାକ୍ଷୟେତି କଥିତା*
*ମୁନିଭିସ୍ତୃତୀୟା ।*

ଅର୍ଥାତ୍ ଏହି ତିଥିରେ କରାଯାଇଥିବା ହୋମ, ଜପ, ଦାନ ଓ ପୂଜା କେବେହେଲେ କ୍ଷୟ ବା ନଷ୍ଟ ହୁଏନାହିଁ । ଏହାର ପୁଣ୍ୟ ଫଳ ଅନନ୍ତକାଳ ପର୍ଯ୍ୟନ୍ତ ଅକ୍ଷୟ ହୋଇ ରହିଥାଏ । ସେଥିପାଇଁ ମୁନିରଷିମାନେ ଏହାକୁ 'ଅକ୍ଷୟ ତୃତୀୟା' ବୋଲି କହିଛନ୍ତି । ସେପରି ପୌରାଣିକ କଥା ଅନୁସାରେ ସତ୍ୟଯୁଗ ଏବଂ ତ୍ରେତୟାଯୁଗ ଏହି ଦିନ ଆରମ୍ଭ ହୋଇଥିଲା ବୋଲି କୁହାଯାଇଛି । ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ରୂପେ ଶ୍ରୀପର୍ଶୁରାମଙ୍କ ଜନ୍ମ ଏବଂ ପତିତ ପ୍ୱାନୀ ମା' ଗଙ୍ଗା ଏହି ଦିନ ହିଁ ସ୍ୱର୍ଗରୁ ଭୂମିରେ ଅବତରଣ କରିଥିଲେ । ସେଭଳି ଭଗବାନ ଗଣେଶ ଏ ତିଥିରେ ବେଦବ୍ୟାସଙ୍କ ଦ୍ୱାରା କୁହାଯାଇଥିବା ମହାଭାରତକୁ ଲେଖିଥିଲେ । ଅକ୍ଷୟ ତୃତୀୟା ହେଉଛି ଭଗବାନ ବିଷ୍ଣୁଙ୍କୁ ସମର୍ପିତର ଏକ ପବିତ୍ର ଦିନ । ଉକ୍ତ ଦିବସରେ ମାତା ଲକ୍ଷ୍ମୀ ଓ ନାରାୟଣଙ୍କ ପୂଜା କଲେ ସୁଖ, ସମୃଦ୍ଧି ଏବଂ ଧନ ଧାନ୍ୟର ବୃଦ୍ଧି ଘଟିଥାଏ । ଏହି ଦିନ ଜୈନଧର୍ମାଲମ୍ବୀମାନେ ଭଗବାନ ଋଷଭଦେବଙ୍କ ବର୍ଷଧରି ଉପବାସର ସମାପ୍ତି ଉପଲକ୍ଷେ ଉତ୍ସବ ପାଳନ କରନ୍ତି । ଆମ ଓଡ଼ିଶା ହେଉଛି ଏକ କୃଷି ପ୍ରଧାନ ପ୍ରଦେଶ । ଏ ରାଜ୍ୟର ମେରୁଦଣ୍ଡ ଅଟନ୍ତି କୃଷକ ସମାଜ । ଏହି ସମାଜର ପ୍ରତିନିଧି ମହର୍ଷି ଜନକଙ୍କୁ କୁହାଯାଏ । ସେ ପ୍ରଥମେ ଭୂମି ପୂଜନକରି ବୀଜବପନ କରୁଥିଲେ ବୋଲି ବିଶ୍ୱାସ ରହିଛି । ପୁରାଣରେ ବର୍ଣ୍ଣିତ କରାଯାଇଛି ଯେ, ମାତା ସୀତାଙ୍କୁ ମହର୍ଷି ଭୂମିକର୍ଷଣ ସମୟରେ ଲାଭ କରିଥିଲେ । ଏଣୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ କରାଯାଉଛି । ଅତଃ ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରୁଥିଲେ । ଏହି ପରମ୍ପରାକୁ ପାଥେୟ କରି ଆଜି ମଧ୍ୟ ଉତ୍କଳର କୃଷକମାନେ ଏହି ଦିନ ଅକ୍ଷିମୁଠି ଆରମ୍ଭ କରିଥାନ୍ତି । ଅକ୍ଷୟ ତୃତୀୟାକୁ ଆମ ପ୍ରଦେଶରେ 'ଅକ୍ଷି ତୃତୀୟା' ଭାବେ ପାଳନ କରାଯାଏ । ଏହି ଦିନରୁ ହିଁ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଥାଏ । ପ୍ରଥମେ ଚାଷୀ ନୂତନ ବସ୍ତ୍ର ପରିଧାନ କରି ମାଆ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରିବା ପରେ ବିହନ ବୁଣିଥାଏ । ଅକ୍ଷୟ ତୃତୀୟାକୁ ପ୍ରଶସ୍ତ ଶୁଭଦିନ ରୂପେ ଆଗ୍ନେୟ ପୁରାଣ, ବିଷ୍ଣୁ ପୁରାଣ, ଧର୍ମୋତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ବର୍ଣ୍ଣନା କରାଯାଉଛି । ଆମ ଓଡ଼ିଆ ସଂସ୍କୃତି ଜଗନ୍ନାଥ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ମହାପ୍ରଭୁଙ୍କ ବିନା ଆମର ଅସ୍ତିତ୍ୱ ଶୂନ୍ୟ । କାଳିଆ ଠାକୁର ଏ ଜାତିର ପ୍ରଧାନ ଦେ୍ୱତା । ଏଣୁ ଆମ ପ୍ରଦେଶରେ ଦାରୁବ୍ରହ୍ମଙ୍କ ଲାଗି, ବାରମାସରେ ତେର ପର୍ବ ପାଳନ କରାଯାଏ । ସେଥି ମଧ୍ୟରୁ ଅକ୍ଷୟ ତୃତୀୟା ଶ୍ରେଷ୍ଠୋତମ । ଏହି ଦିନ ଠାରୁ ପାବନ ଶ୍ରୀକ୍ଷେତ୍ର ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଅୟମାରମ୍ଭ ହୋଇଥାଏ । ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବନଯାଗ ବିଧି ଅନୁସାରେ ତିନୋଟି ଧଉରା କାଠ ଗଣ୍ଡିକୁ ପୂଜାର୍ଚ୍ଚନା କରାଯାଏ । ରାଜଗୁରୁଙ୍କ ଦ୍ୱାରା ପୂଜା ପରେ ମହାରଣା ସେବାୟତମାନେ ସୁନା କୁରାଢ଼ି ସ୍ପର୍ଶ କରି ରଥ ନିର୍ମାଣର ଶୁଭ ଅନୁକୂଳ କରନ୍ତି । ତାହା ସହିତ ମହାପ୍ରଭୁଙ୍କର ୪୨ ଦିନିଆ ପ୍ରସିଦ୍ଧ ଚନ୍ଦନ ଯାତ୍ରା ଆରମ୍ଭ ହୁଏ, ସେଥି ମଧ୍ୟରୁ ପ୍ରଥମ ୨୧ ଦିନ 'ବାହାର ଚନ୍ଦନ ଏବଂ ଅନ୍ୟ ଦିନମାନ ଭିତର ଚନ୍ଦନ ଯାତ୍ରା କୁହାଯାଏ । ପ୍ରବଳ ଗ୍ରୀଷ୍ମ ଉତାପରୁ ରକ୍ଷା ପାଇବା ପାଇଁ ବାହାର ଚନ୍ଦନ ଯାତ୍ରା ହୋଇଥାଏ । ଏ ସମୟରେ ପ୍ରତିଦିନ ଶ୍ରୀମନ୍ଦିରର ମଧ୍ୟାହ୍ନ ଧୂପ ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀଙ୍କ ସହ ରାମକୃଷ୍ଣ ଏବଂ ପାଂଚ ପାଣ୍ଡବ ରୂପୀ ପାଂଚ ମହାଦେବ ଯଥା: ଯମେଶ୍ୱର, କପାଳମୋଚନ, ଲୋକନାଥ, ମାର୍କଣ୍ଡେଶ୍ୱର ଓ ନୀଳକଣ୍ଠେଶ୍ୱର ବିମାନରେ ବସି ନରେନ୍ଦ୍ର ପୁଷ୍କରିଣୀକୁ ଯାଇଥାନ୍ତି । ସେଠାରେ ଦୁଇଟି ସୁସଜ୍ଜିତ ନୌକା ବା 'ଚାପ' ରହିଥାଏ, ଯା'ର ନାମ ନନ୍ଦା ଓ ଭଦ୍ରା । ନନ୍ଦା ନାମକ ଚାପରେ ମହାପ୍ରଭୁ ଶ୍ରୀମଦନମୋହନ, ମାଆ ଶ୍ରୀଦେବୀ ଓ ମାଆ ଭୂଦେବୀ ବିରାଜମାନ କରନ୍ତି । ସେପରି ଭଦ୍ରାରେ ଶ୍ରୀରାମକୃଷ୍ଣ (ବଳଭଦ୍ରଙ୍କ ପ୍ରତିମା) ଏବଂ ପାଂଚ ପାଣ୍ଡବଙ୍କ ବିଗ୍ରହ ବିଜେ କରିବା ପରେ ଉଭୟ ଚାପରେ ବସିଥିବା ଠାକୁରମାନେ ନରେନ୍ଦ୍ର ପୁଷ୍କରିଣୀରେ ଜଳକ୍ରୀଡ଼ା କରିଥାନ୍ତି । ଏଠାରେ ଠାକୁର ମାନଙ୍କ ସର୍ବାଙ୍ଗରେ କର୍ପୂର ମିଶ୍ରିତ ଚନ୍ଦନ ଲାଗି କରାଯାଏ । ବାହାର ଚନ୍ଦନ ଯାତ୍ରାର ୨୦ତମ ଦିନକୁ ଭଉଁରୀ ଯାତ୍ରା କୁହାଯାଏ । ଏହି ଦିନ ନରେନ୍ଦ୍ର ପୁଷ୍କରିଣୀରେ ଚାପ ୨୧ ଘେରା ବୁଲିଥାଏ । ଏହି ଚାପରେ ବିରାଜିତ ଠାକୁରଙ୍କୁ ମଧୁସୂଦନ କୁହାଯାଏ । ଏଣୁ ଶାସ୍ତ୍ରରେ କୁହାଯାଇଛି ଚାପେଷୁ 'ମଧୁସୂଦନଃ' । ଅର୍ଥାତ୍ ଯେଉଁମାନେ ଏହି ଚାପରେ ମହାପ୍ରଭୁଙ୍କୁ ଦର୍ଶନ କରନ୍ତି, ସେମାନଙ୍କ ପୁନର୍ଜନ୍ମ ହୋଇ ନଥାଏ । ଅକ୍ଷୟ ତୃତୀୟା ଓ ଚନ୍ଦନ ଯାତ୍ରା କେବଳ ଧାର୍ମିକ ପରମ୍ପରା ନୁହେଁ, ବରଂ ଏହା ଓଡ଼ିଆ ଜାତିର ସ୍ୱାଭିମାନ, କୃଷି ସଂସ୍କୃତି ଏବଂ ଜଗନ୍ନାଥ ଚେତନାର ଏକ ଅପୂର୍ବ ମିଶ୍ରଣ ସହିତ ଆଶା-ସମୃଦ୍ଧି-ନୂତନ ଆରମ୍ଭର ପର୍ବ ।

*ଅଧ୍ୟାପକ -ଖମ୍ବେଶ୍ୱରୀ ପାଟଣା ଆସିକା, ଗଞ୍ଜାମ- ୯୮୬୧୩୩୪୮୬୮*

## ଜୀବନ ବିନିମୟରେ



◆ସିଦ୍ଧେଶ୍ୱର ପଣ୍ଡା

ଯଦି ସାରା ଜୀବନ ବିନିମୟରେ
ମୁଁ ପାହାଚଟିଏ ହୋଇଥାଆନ୍ତି
ତେବେ ତଳେ ରହିଥିବା
ଲୋକମାନେ
ଉପରକୁ ଯାଇପାରିଥାନ୍ତେ
ସୁରୁଖୁରରେ !

କେବଳ ଯଦି ବାଡ଼ିଟିଏ ହୋଇଥାନ୍ତି
କେହି ନା କେହି ଯାଇପାରନ୍ତା
ସାହା ପାଇପାରନ୍ତା
ଦୁଃଖ ବେଳେ
ଦୀର୍ଘ ଏତେ ବର୍ଷ ଧରି
କ'ଣ ମିଳିଲା କବିତା ଲେଖାରୁ
ଖାଲି ଯଦି କିଛି ଚାରା ରୋପଣ
କରିଥା'ନ୍ତି ମାଟିରେ
ଏବେ ଗଛର ଛାଇରେ ବସି
ସ୍ୱପ୍ନ ଦେଖୁଥାନ୍ତି ମୁଁ ନିଜେ
ଓ ଚଢେଇ ମାନଙ୍କର
କିଚିରି ମିଚିରି ଶବ୍ଦରେ
ଜୀବନର ଗୀତକୁ ଶୁଣୁଥା'ନ୍ତି !

କିନ୍ତୁ ହାୟ !
ମୋ ଜୀବନ ବଦଳରେ
କିଛି ବି ହେଇପାରିଲିନି
ନା ହେଇପାରିଲି ମାଟିର ,
ମଣିଷର ନା ନିଜର ।

*ଇଂରାଜୀ ପ୍ରାଧ୍ୟାପକ, ଶୁଳିଆପଦା, ମୟୂରଭଞ୍ଜ,ମୋ-୯୯୩୭୮୧୫୩୯୬୨*


## ସଂଶୟ

◆ ଅନୀତା ପଟ୍ଟନାୟକ



ସୃଷ୍ଟିକର୍ତ୍ତା ଏ ପୃଥିବୀକୁ ସୃଷ୍ଟି କଲେ । ଗ୍ରହ, ନକ୍ଷତ୍ର, ସମୁଦ୍ର, ପାଣି, ପବନ, ଆକାଶ, ଅଗ୍ନି, ପର୍ବତ, ବୃକ୍ଷଲତା ଆଦି ସୃଷ୍ଟି କଲେ । ନଦୀ ପ୍ରାନ୍ତରରେ ପାହାଡ଼ ତଳେ ଝରଣାର କୁଳୁକୁଳୁ ଶବ୍ଦ ସହିତ ସମତଳ ଓ ଉର୍ବର ସ୍ଥଳଭାଗ ଦେଲେ । ଏହା ସହିତ ମଣିଷକୁ ଶବ୍ଦ, କଥପକଥନ ଓ ଚିନ୍ତା କରିବାର ଶକ୍ତି ପ୍ରଦାନ କଲେ । ଭାବିଥିଲେ ମନୁଷ୍ୟ ଦିନେ ନା ଦିନେ ଭାବି ବ ସୃଷ୍ଟିକର୍ତ୍ତା ବିନା ସୃଷ୍ଟି କ'ଣ ସମ୍ଭବ? ସେ ଖୋଜିବ ସୃଷ୍ଟିକର୍ତ୍ତାଙ୍କୁ ଓ ତାଙ୍କୁ ହୃଦୟଙ୍ଗମ କରିବାକୁ ଚେଷ୍ଟା କରିବ । ସେହିପରି କିନ୍ତୁ ହେଲାନାହିଁ । ସୃଷ୍ଟିକର୍ତ୍ତା ଦିନ ଦିନ ଧରି ତାର ଅତିପ୍ରିୟ ମନୁଷ୍ୟକୁ ଚାହିଁ ରହିଥିଲେ ମଧ୍ୟ ସେ ଆସି ପାରିଲା ନାହିଁ । ବାରମ୍ବାର ସୃଷ୍ଟିକର୍ତ୍ତାଙ୍କୁ ମନୁଷ୍ୟରୂପ ଧରି ନିଜର ଅସ୍ତିତ୍ୱର ପ୍ରମାଣ ଦେବା ପାଇଁ ଓ ଜୀବନର ଲକ୍ଷ୍ୟ ବୁଝାଇବା ପାଇଁ ଆସିବାକୁ ପଡ଼ିଲା । ବାଧ ହୋଇ ଗୀତାରେ କହିଗଲେ ମତେ ବାରମ୍ବାର ଆସିବାକୁ ପଡ଼ିବ ଓ ମୋର କୌଣସି ଅବତାରତ୍ୱକୁ ତୁମେ ଏକ ପୂର୍ଣ୍ଣଛେଦ ବୋଲି ଭାବିବ ନାହିଁ । 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ' । ମନୁଷ୍ୟ ମାଧ୍ୟାକର୍ଷଣ ଶକ୍ତିକୁ ଚିହ୍ନିପାରିଲା ନାହିଁ । ଆକାଶକୁ ଯାଇ ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ଏବଂ ସୃଷ୍ଟି ସମ୍ବନ୍ଧରେ କଳନା କରି ପାରିଲାନାହିଁ । ଦିନେ ଭଗବାନ ମଣିଷରୂପରେ ଆସି ତାଙ୍କର ସବୁଠାରୁ ବୁଦ୍ଧିମାନ ମନୁଷ୍ୟକୁ ଡାକି କହିଲେ, 'ବାପାରେ ଦିଗ୍‌ବଳୟର ଆରପଟେ କ'ଣ ଅଛି ଓ ତାଙ୍କ ନିକଟକୁ ତୁ ଯିବାକୁ ଚାହୁଁ କି? ବୁଦ୍ଧିମାନ ଲୋକଟି ତତ୍‌କ୍ଷଣାତ ସୃଷ୍ଟିକର୍ତ୍ତାଙ୍କୁ କହିଲା ବାର୍ଦ୍ଧକ୍ୟ ହେତୁ ମତେ ବିଶେଷ କିଛି ଦୃଶ୍ୟମାନ ହେଉନାହିଁ ତେଣୁ ମୁଁ ଅଚଳ ଅବସ୍ଥାକୁ ଆସିଗଲିଣି ଆପଣ ମୋର ପତ୍ନୀ ଓ ପୁତ୍ର, କନ୍ୟା ମାନଙ୍କୁ ନେଇ ବୁଲାଇ ଆଣନ୍ତୁ । ଏହା ତାଙ୍କର ଦେଖିବା ଓ ଶିଖିବାର ବେଳ । ନିରାଶ ହୋଇ ଫେରି ଯିବାର କିଛି ଦିନରେ ସୃଷ୍ଟିକର୍ତ୍ତା ବୁଦ୍ଧିମାନ ବ୍ୟକ୍ତିର ସ୍ତ୍ରୀ ନିକଟରେ ପହଂଚି କହିଲେ ତୁମେ ସ୍ୱର୍ଗପୁର ଦେଖିବାକୁ ଚାହୁଁଛ ? ସେଠାରେ ଲୋକ କିପରି ରହୁଛନ୍ତି ଦେଖିବାକୁ ଚାହୁଁଛ ? ଯଦି ଚାହୁଁଥାଅ, ମୋ ସହିତ ଆସିପାର । ବୁଦ୍ଧିମାନ ଲୋକର ସ୍ତ୍ରୀଟି ତତ୍‌କ୍ଷଣାତ କହିଉଠିଲା ଏ ବୃଦ୍ଧା ବୟସରେ ମୋ ପାଦରେ ବଳ ନଥିବା ସମୟରେ ମୋ ହାତଟେକାକୁ ଚାହିଁଥିବା ସ୍ୱାମୀଙ୍କୁ ଛାଡ଼ି କିପରି ଯାଇପାରିବି ? ତୁମର ଡାକିବରେ ଡେରି ହୋଇଗଲାଣି ଓ ମୋର ମଧ୍ୟ ବଳପାଉନାହିଁ । ମୋର ପିଲାମାନେ ଆମ କଥା ନବୁଝି ବୁଲା ବୁଲି କରିବାକୁ ଭଲ ପାଆନ୍ତି । ତାଙ୍କୁ ନେଇଯାଇ ସ୍ୱର୍ଗପୁରୀ ଦେଖାଅ ସେମାନେ ଖୁସି ହେବେ । ଏପରି କଥା ଶୁଣି ସୃଷ୍ଟିକର୍ତ୍ତା ବାଧ ହୋଇ ମନଦୁଃଖରେ ଫେରିଗଲେ । କିଛି ଦିନ ପରେ ଫେରି ଆସି ବୁଦ୍ଧିମାନ ଲୋକଟିର ପୁଅବୋହୂଙ୍କୁ ସ୍ୱର୍ଗରାଜ୍ୟରେ ଜୀବନ ଓ ତାଙ୍କୁ ସ୍ୱର୍ଗ ବୁଲାଇ ଆଣିବାର ପ୍ରସ୍ତାବ ରଖନ୍ତେ ସେମାନେ କହିଲେ ଆମର ବେଳନାହିଁ ଆମେ କ'ଣ ସୃଷ୍ଟି ଛଡ଼ା ହୋଇଛୁ ? ଆମ ମୁକ୍ତିରେ ସ୍ୱର୍ଗ, ଭଗବାନ ସୃଷ୍ଟିକର୍ତ୍ତା ଏସବୁ ଶବ୍ଦ କିଛି ଧରୁନାହିଁ । ଏସବୁ ଶବ୍ଦ ବିଷୟରେ ବାର୍ଦ୍ଧକ୍ୟ ସମୟରେ ଚିନ୍ତା କରାଯାଏ । ସୃଷ୍ଟିକର୍ତ୍ତା ଦେଖିଲେ ବୁଦ୍ଧିମାନ ଲୋକର ନାତିଟିଏ ଗୋଟିଏ କବିତା ପରୀକ୍ଷା ପାଇଁ ଘୋଷୁଛି ଓ ବାରମ୍ବାର ଆବୃତି କରି କହୁଛି 'ରେ ଆତ୍ମନ ନିଦ୍ରାପରିହରି ଫେଡ଼ି ଚିନ୍ତାର ଲୋଚନ କର କର ନିରୀକ୍ଷଣ ନିସ୍ତବ୍ଧ ଜୀବନସ୍ରୋତ ଧାଉଁଛି କିପରି ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ' ସୃଷ୍ଟିକର୍ତ୍ତା ପିଲାଟିକୁ ପଚାରିଲେ ତୁମେ କ'ଣ କରୁଛ? ପିଲାଟି କହିଲା ମହାଭାଗ! ଆଜି ଆମର କବିତା ଆବୃତି ପ୍ରତିଯୋଗିତା ଅଛି । କ'ଣ ଟିଏ ଘୋଷି ଗାଇଲେ ମୁଁ ପ୍ରଥମ ହୋଇପାରିବି ପଚାରିବାରେ ବାପା-ମାଆ କହିଲେ ଆମର ବେଳ ନାହିଁ ତୁ ତୋର ଶିକ୍ଷକଙ୍କୁ ପଚାର ଶିକ୍ଷକଙ୍କ ଘରକୁ ଯାଇ ଦେଖିଲି ଶିକ୍ଷକ ଓ ତାଙ୍କ ସ୍ତ୍ରୀଙ୍କର ଏକ ମନ୍ଦିରକୁ ଯିବା ନଯିବା ନେଇ ବିବାଦ ସୃଷ୍ଟି ହୋଇଛି । ଶିକ୍ଷକ ନିଜର କାର୍ଯ୍ୟ ବସ୍ତତା ପାଇଁ ତାଙ୍କର ପତ୍ନୀଙ୍କୁ ମନ୍ଦିରକୁ ନେଇ ପାରିବେ ନାହିଁ ବୋଲି ଦ୍ୱନ୍ଦ ଉପୁଜିଥିବା ସମୟରେ କବିତା ବହିଟିକୁ ମୋ ଆଡ଼କୁ ଫୋପାଡି ଦେଇ ଏଇ କବିତାଟିକୁ ଘୋଷିବା ପାଇଁ କହିଲେ । ସୃଷ୍ଟିକର୍ତ୍ତା କହିଲେ 'ଆସେ ମୁଁ ତତେ ଏହାଠାରୁ ଭଲ କବିତା ଦେବି' ପିଲାଟି ତତ୍‌କ୍ଷଣାତ କହିଲା ତୁମେ କିଛି ଜାଣିନ ଏଠାରୁ ଯାଅ ମୁଁ ଲୋକଙ୍କୁ ଟ୍ରେନରେ ବସରେ ଏହି ଗୀତ ଶୁଣୁଥିବା ଶୁଣିଛି । ଯାହା ମୋ ପକ୍ଷେ ସମ୍ଭବ ନୁହେଁ, ଯାହା ମୋ ଠାରୁ ଦୂର ଓ ଉଚ୍ଚରେ ଅଛି ଓ ଯାହା କଷ୍ଟ ତାହା ମୁଁ କରିପାରିବି ନାହିଁ । ଭଗବାନ ମନରେ ଶଂସୟ ଜାତ ହେଲା ଶବ୍ଦ ଓ ଚିନ୍ତାର ଅପପ୍ରୟୋଗକୁ ନେଇ ସେ ଚିନ୍ତିତ ହେଲେ । ଭାବିଲେ 'ଓଃ କି ଭାଷା ଡେରି ହୋଇଗଲାଣି, ବୃଦ୍ଧ ହୋଇଗଲିଣି, ପାରିବିନି, ବିଳମ୍ବ ହୋଇ ଗଲାଣି, ଅସମ୍ଭବ, ଦୂରରେ, ବହୁ ଉଚ୍ଚରେ, ଏସବୁ ଚିନ୍ତା ଓ ଶବ୍ଦ ଓ ଏହାର ସମାଧାନ କି କଷ୍ଟ, କି ମୂର୍ଖ! କିଛି ବିଳମ୍ବ ହୋଇନି, କିଛି ଅନ୍ତ ନାହିଁ, କେବଳ ଆରମ୍ଭ ଅଛି । କ'ଣ କରାଯାଇ ପାରିବ ମଣିଷ ପାଖରୁ ଏପରି ଅପପ୍ରୟୋଗ କରୁଥିବା ଶବ୍ଦ ଓ ଚିନ୍ତାକୁ ଫେରାଇ ଆଣିଲେ ସେ କ'ଣ ମୋ ଆଡ଼କୁ ଚାହିଁବ ? ହେଉ ଏଥର ନ ହେଲେ ନାହିଁ ଆରଥରକର ଅବତାରତ୍ୱରେ ଦେଖିବା ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରଧାପିକା, ପ୍ଲଟ ନଂ-୫ଡି/୧୪୫୦, ସେକ୍ଟର-୧୦, ସିଡିଏ, କଟକ :୯୬୯୨୯୮୦୦୨୬*





# ପ୍ରଧାନ ଶିକ୍ଷୟିତ୍ରୀଙ୍କ ନିଆରା ବନ୍ଧୁମିଳନ ସମାରୋହ



ଭଦ୍ରକ : ଋକିରିରୁ ଅବସର ନେବାର ଏକମାସ ପୂର୍ବରୁ ଜଣେ ପ୍ରଧାନ ଶିକ୍ଷୟିତ୍ରୀ ନିଜ ବିଦ୍ୟାଳୟ ପରିସରରେ ଏକ ନିଆରା ବନ୍ଧୁମିଳନ ଆୟୋଜନ କରିଛନ୍ତି । ତା ପୁଣି ଗ୍ରାମବାସୀ, ଅବିଭାବକ, ପାଖ ଆଖ ଅ□ଳର ସବୁ ଶିକ୍ଷକ, ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ସହିତ ଜଡ଼ିତ ସମସ୍ତ ଶୁଭେଚ୍ଛୁମାନଙ୍କୁ ନେଇ । ଏହି ବନ୍ଧୁମିଳନ କାର୍ଯ୍ୟକ୍ରମ ଏପରି ଥିଲାଯେ ତାହା ପ୍ରକୃତରେ ବିଦାୟ କାଳୀନ ସଭାର ଭ୍ରମ ସୃଷ୍ଟି କରିଥିଲା । ଏଭଳି ଏକ ବନ୍ଧୁମିଳନ କାର୍ଯ୍ୟକ୍ରମର ଆୟୋଜନ ଭଦ୍ରକ ବ୍ଲକ ରାହାଞ୍ଜ ପ□ାୟତ ସ୍ଥିତ ତିଶଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ଝୁରନବାଳା ଖୁଂଟିଆଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ନିଆରା ବନ୍ଧୁମିଳନ ସମାରୋହ ଅବସରପ୍ରାପ୍ତ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାଗିରଥୀ ନାୟକ ସଭାପତିତ୍ୱ କରିଥିଲେ । ଏଥିରେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଅଲେଖ ଚନ୍ଦ୍ର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ତଥା କେନ୍ଦୁଆପଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶଶିଶେଖର କରଶର୍ମା, କଳିଙ୍ଗ ଟିଭିର ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ସାମଲ, ବ୍ରଜଗୋପୀକା ସେବା ମିଶନ ଭଦ୍ରକର ବରିଷ୍ଠ ସଂଯୋଜକ ବିଷ୍ଣୁମୋହନ ପଣ୍ଡା, ପିଏମ୍ ଶ୍ରୀ ହାଇସ୍କୁଲ ଚୁନିଦାର ପ୍ରଧାନ ଶିକ୍ଷକ ଭୀମ ଚରଣ ପରିଡ଼ା, ସି.ଆର.ସି.ସି. ଜୟନ୍ତ ଯେନା, ଆନନ୍ଦ ବଜାର ହାଇସ୍କୁଲର ପ୍ରଧାନ ଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, କୃଷି କବି ଅରୁଣ କୁମାର ପାତ୍ର, ଭଦ୍ରକ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପକ ଆରତୀ ଜେନା, ଗଣିଜାଙ୍ଗ ବାଳିକା ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ର ସୁକାନ୍ତି ବିଶ୍ୱାଳ, ବିଦ୍ୟାଳୟ ପରିଋଳନା କମିଟିର ସଭାପତି ଗୌରୀବଲ୍ଲଭ ପାଢ଼ୀ, ପ୍ରାକ୍ତନ ସଭାପତି ସୁଦର୍ଶନ ଲେଙ୍କା, ଅସୁରା ଗ୍ରାମ୍ୟ କମିଟିର ସଭାପତି ଅଭିମନ୍ୟୁ ବାରିକ୍, ସମାଜସେବୀ ସଂଗ୍ରାମ କେଶରୀ ଦାସ, ରୋପ୍ୟମୟୀ ମହାପାତ୍ର ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ପ୍ରଧାନ ଶିକ୍ଷୟିତ୍ରୀ ଝୁରନ୍‌ବାଳା ଖୁଂଟିଆ ତିଶଳପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ୩୨ ବର୍ଷ ଧରି କିପରି ଏହି ବିଦ୍ୟାଳୟର ଶିକ୍ଷାର ବିକାଶ ସହିତ ଶିକ୍ଷାୟତନର ବିକାଶ ଦିଗରେ କାର୍ଯ୍ୟକରି ସମସ୍ତଙ୍କର ପ୍ରିୟପାତ୍ର ହୋଇପାରିଥିଲେ ସେ ବିଷୟରେ ଆଲୋକପାତ କରିଥିଲେ । ଏପରିକି ବିଭିନ୍ନ ସମୟରେ ସେ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଠାରୁ ପୁରସ୍କାର ପାଇ ବିଦ୍ୟାଳୟ ଗୌରବ ବୃଦ୍ଧିରେ ସହାୟକ ହୋଇଛନ୍ତି । ତତ୍ ସହିତ ଏହି ବିଦ୍ୟାଳୟକୁ ଦୁଇ ଦୁଇଥର ପ୍ରକୃତି ମିତ୍ର ପୁରସ୍କାର ମଧ୍ୟ ଲାଭ କରାଇପାରିଛନ୍ତି । ତେଣୁ ସେହିଭଳି ଜଣେ ତ୍ୟାଗପୂତ, ନିଷ୍ଠାବାନ୍, ଆଦର୍ଶ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଆଦର୍ଶ କାର୍ଯ୍ୟ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ପ୍ରେରଣାର ଉତ୍ସବୋଲି ଅତିଥି ମାନେ କହିଥିଲେ । ଏହି ଅବସରରେ ଗ୍ରାମବାସୀ, ଛାତ୍ର ଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଶୁଭେଚ୍ଛୁ ମାନେ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଖୁଂଟିଆଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ, ମାନପତ୍ର ଏବଂ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ ଯାହା ଏହକ ନିଆରା ନିଦର୍ଶନ ସୃଷ୍ଟି କରିଥିଲା । ଉକ୍ତ ଉତ୍ସବରେ ରାହାଞ୍ଜ, ଜଗଦଳପୁର, ରମ୍ଭିଳା, ଚରମ୍ପା ଓ ଏରେଇଁ ପଂଚାୟତର ସମସ୍ତ ପ୍ରାଇମେରୀ ତଥା ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ, ଅସୁରା, ତିଶଳପୁର ଗ୍ରାମର ସମସ୍ତ ଗ୍ରାମବାସୀ ଯୋଗଦାନ ପୂର୍ବକ ପ୍ରଧାନ ଶିକ୍ଷୟିତ୍ରୀଙ୍କର ଗୁଣଗାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ରଜଗୋପିକା ସେବାମିଶନ, ଭଦ୍ରକର ଦେବଦର୍ଶନ ଦାଶ, ବିରେଶ ମହାନ୍ତି, ନିର୍ମଳା ସାହୁ, ସ୍ୱର୍ଣ୍ଣଲତା ପାଢ଼ୀ, ମମତା ମହାନ୍ତି, ଉର୍ବଶୀ ଦାଶ, ଆରତୀ ସାହୁ ପ୍ରଭୃତି ସମସ୍ତ ସାଧକ ସ୍ୱାଧୀକା ମଧ୍ୟ ଉକ୍ତ ଉତ୍ସବରେ ଯୋଗଦାନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ବିଜୟ ଶୁକ୍ଳ, ସୁରେନ୍ଦ୍ର ପଲାଇ, ମନୋଜ କୁମାର ଦାସ, ବଟକୃଷ୍ଣ ମହାପାତ୍ର, ଦୀପକ ନାଏକ, ଚନ୍ଦ୍ରକାନ୍ତ ଶୁକ୍ଳ, ଶିକ୍ଷୟିତ୍ରୀ ମୀରାଲକ୍ଷ୍ମୀ ମହାନ୍ତି, ନୀରୂପମା ପଣ୍ଡା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମକୁ ପରିଋଳନା କରିଥିଲେ ।

# ଟାଉନହଲ ଶ୍ରୀ ମହାବୀର ହନୁମାନ ମନ୍ଦିରରେ ହନୁମାନ ଚାଳିଶା ଓ ହନୁମାନ ଜୟନ୍ତୀ ପାଳିତ



ବାଲେଶ୍ୱର : ପୂର୍ବ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିପୁଳ ଉତ୍ସାହ ଓ ଉଦ୍ଦୀପନାର ସହ ଅଧ୍ୟାତ୍ମିକ ପରିବେଶ ମଧ୍ୟରେ ବାଲେଶ୍ୱର ସହରର ଟାଉନହଲ ନିକଟସ୍ଥ ଶ୍ରୀ ହନୁମାନ ମନ୍ଦିରରେ ଗତ ୧୪ ଓ ୧୫ ତାରିଖ ଦୁଇ ଦିନ ଧରି ଶ୍ରୀ ହନୁମାନ ଜୟନ୍ତୀ ପାଳିତ ହୋଇ ଯାଇଛି । ସୋମବାର ପ୍ରାତଃ ସମୟରୁ ସନ୍ଧ୍ୟା ପର୍ଯ୍ୟନ୍ତ ଶ୍ରୀ ସୁନ୍ଦରାକାଣ୍ଡ ପାରାୟଣ ସହ ୧୦୮ ଶ୍ରୀ ହନୁମାନ ଚାଳିଶା ପାଠ ଅତ୍ୟନ୍ତ ଭକ୍ତିର ସହ ଅନୁଷ୍ଠିତ ହୋଇଥିଲା । ଦିବା ନିବା୧୦ ଘଟିକା ସମୟରେ ମନ୍ଦିର କମିଟିର ଆବାହକ ଡ.ଶ୍ରୀ ଗୌର ସାଧନ ମିଶ୍ରଙ୍କ ଦ୍ୱାରା ସଂକଳ୍ପ କରିବା ପରେ ମନ୍ଦିର ପୂଜକ ନିକ ପଣ୍ଡିତ କୃତିବାସ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରିଥିଲେ ଏବଂ ବିଶିଷ୍ଟ ପ୍ରବଚକ ପଣ୍ଡିତ ଆଦିତ୍ୟ ନାରାୟଣ ମିଶ୍ର ଓ ତାଙ୍କ ସହଯୋଗି ସମସ୍ତଙ୍କ ଉପସ୍ଥିତିରେ ଶଙ୍ଖ ଓ ଜୟ ଶ୍ରୀରାମ ଧ୍ୱନୀ ସହିତ ଏହି କାର୍ଯ୍ୟକ୍ରମର ଶଭାରମ୍ଭ ହୋଇଥିଲା । ଆଜି ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାକର ନାୟକ ପୁଷ୍ପାଞ୍ଜଳି ଦେବା ସହ ଶ୍ରୀହନୁମାନ ଜୟନ୍ତୀ ଉତ୍ସବର ଶୁଭାରମ୍ଭ କରିଥିଲେ ଏବଂ ଏହି ଅଧ୍ୟାତ୍ମିକ କାର୍ଯ୍ୟର ଭୂୟସୀ ପ୍ରଶଂସା କରିଥିଲେ । ସନ୍ଧ୍ୟାରେ ସବୁ ଭକ୍ତ କ୍ଷୀରି ଖେଚୁଡ଼ି ପ୍ରସାଦ ସେବନ କରିଥିଲେ । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯା ଅନୁଯାୟୀ ଶ୍ରୀ ହନୁମାନ ଭଗବାନଙ୍କର ସମସ୍ତ ପୂଜାର୍ଚ୍ଚନା ବିବିଧାନ ଅନୁସାରେ ପଣ୍ଡିତ କୃତିବାସ ପଣ୍ଡା ଓ ତାଙ୍କ ସହଯୋଗୀ ବେଦଜ୍ଞ ପଣ୍ଡିତ ବ୍ରାହ୍ମଣ ହ୍ମଣ ଅତ୍ୟନ୍ତ ନିଷ୍ଠାର ସହିତ କରିଥିଲେ । ସନ୍ଧ୍ୟା ସମୟରେ ପୂର୍ଣ୍ଣାହୁତି ଓ ପୂର୍ଣ୍ଣାଳତି ସହ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଥିଲା । ସକାଳରୁ ସକ ସନ୍ଧ୍ୟା ପର୍ଯ୍ୟନ୍ତ ସମସ୍ତେ ଲୋଡୁ ଭୋଗ ଗ୍ରହଣ କରି ହନୁମାନ ଭଗବାନଙ୍କର କୃପା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସହର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରମୁଖ ଶ୍ରୀ ଗୋପାଳ ଚନ୍ଦ୍ର ନାୟକ ଓ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ସଧାରଣ ଧାରଣ ସମ୍ପାଦକ ଶ୍ରୀ ଗୌର ଚନ୍ଦ୍ର ଦାଶ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିପୁଳ ସଂଖ୍ୟାର ରାମଭକ୍ତମାନେ ଉପସ୍ଥିତ ରହି ନିଜକୁ ଧନ୍ୟ ମନେ କରିବା ସହ ଜୟଶ୍ରୀରାମ ଧ୍ୱନୀ ପକାଇ ମନ୍ଦିର କମିଟିର ସବୁ ସଦସ୍ୟଙ୍କୁ ଏହି ଧାର୍ମିକ କାର୍ଯ୍ୟକ୍ରମର ଆୟୋଜନ ପାଇଁ ସାଧୁବାଦ ବାଦ ଜଣାଇଥିଲେ । ସନ୍ଧ୍ୟାରେ ସଦର ବିଧାୟକ ମାନ୍ୟବର ଶ୍ରୀ ମାନସ କୁମାର ଦତ ଆସି ଦର୍ଶନ କରିବା ସହ ଯଜ୍ଞକୁଣ୍ଡରେ ସାରା ସାରା ବିଶ୍ୱର କଲ୍ୟାଣ ନିମନ୍ତେ ଆହୁତି ଦେଇ ଶ୍ରୀହନୁମାନ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ଏବଂ ମନ୍ଦିରର ଉନ୍ନତି ତଥା ଟାଉନ ହଲ ରୋଡରୁ ମନ୍ଦିରକୁ ଥିବା ମୁଖ୍ୟ ପ୍ରବେଶ ଦ୍ୱାର ପାଇଁ ତାଙ୍କ ପାଣ୍ଠିରୁ ଆର୍ଥିକ ଅନୁଦାନ ଏହି ବର୍ଷ ଦେବେ ବୋଲି ଘୋଷଣା କରିଥିଲେ ଏବଂ ଏଥିପାଇଁ ସମସ୍ତେ ଜୟ ଶ୍ରୀରାମ ଧ୍ୱନୀ ସହି ତାଙ୍କୁ ଧନ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆମ ସଂସ୍କୃତିର ବୈଶାଖୀ ଉତ୍ସବ



କଟକ: (ନି.ପ୍ର)ବାଣୀପୀଠ ଶ୍ରୀରାମ ଚନ୍ଦ୍ର ଭବନ ପରିସରର ଶତାବ୍ଦୀ ଭବନରେ ସେବା ଓ ସଂସ୍କୃତି ସୁରକ୍ଷାର ଅନନ୍ୟ ଅନୁଷ୍ଠାନ ଆମ ସଂସ୍କୃତି ପକ୍ଷରୁ ବୈଶାଖୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଓ ଅତିଥି ମାନଙ୍କୁ ମଂଚକୁ ଆମନ୍ତ୍ରଣ କରିଥିଲେ ସଚ୍ଚିକାନ୍ତ ନାଥ, ସଭା ପରିଚାଳନା ଓ ଅଧ୍ୟକ୍ଷତା କରିଥିଲେ ଶ୍ରୀଯୁକ୍ତ ସୁକାନ୍ତ କୁମାର ସାହୁ, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ରବୀନ୍ଦ୍ର ନାଥ ମହାନ୍ତି, ସଂପାଦକୀୟ ବିବରଣୀ ପାଠ ଶ୍ରୀ ସଚ୍ଚିକାନ୍ତ ନାଥ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଜଷ୍ଟିସ ଅନନ୍ତ ସୂର୍ଯ୍ୟନାରାୟଣ ନାଇଡୁ, ମୁଖ୍ୟ ବକ୍ତା ଭାବେ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇ ବୈଶାଖୀ ଉତ୍ସବର ଶୋଭା ବର୍ଦ୍ଧନ କରିଥିଲେ । ଏହି ଅବସରରେ ସଭାକାର୍ଯ୍ୟ ଓ ବନ୍ଧୁ ମିଳନ କାର୍ଯ୍ୟର ତାଲେ ତାଲେ ବିଶିଷ୍ଟ ବ୍ୟକ୍ତି ଓ କୃତୀ ପିଲା ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ଗୋପବନ୍ଧୁ ସେବା ସମ୍ମାନ ପାଇଲେ ଶ୍ରୀଯୁକ୍ତ ବ୍ରହ୍ମାନନ୍ଦ ମହାନ୍ତି , ଉତ୍କଳ ରତ୍ନ ସମ୍ମାନ ପାଇଲେ ପ୍ରବକ୍ତା ଭାଗବତ ପଣ୍ଡା, ବୈଶାଖୀ ସମ୍ମାନ ପାଇଥିଲେ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ । ଭବ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମର ତାଲେ ତାଲେ ସଭାଟି ଶେଷ ହୋଇଥିଲା । ସର୍ବ ଶେଷରେ ମୁଖ୍ୟ ସଂଯୋଜକ ଶ୍ରୀଯୁକ୍ତ ଗୁରୁ ଦତ କର ଧନ୍ୟବାଦ୍ ଅର୍ପଣ କରିଥିଲେ ।

# ଶ୍ରୀରାମଚନ୍ଦ୍ରଙ୍କ ପ୍ରାଣ ପ୍ରତିଷ୍ଠା ଓ ନବ ନିର୍ମିତ ମନ୍ଦିର ପ୍ରବେଶ ଉତ୍ସବ



କଟକ: (ନି.ପ୍ର) ପବିତ୍ର ଅକ୍ଷୟ ତୃତୀୟା ତିଥିରେ ମର୍ଯ୍ୟାଦା ପୁରୁଷୋତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ନବ ବିଗ୍ରହର ପ୍ରାଣ ପ୍ରତିଷ୍ଠା ସହ ନବ ନିର୍ମିତ ମନ୍ଦିର ପ୍ରବେଶ ଉତ୍ସବ ରୀତି ନୀତି ଅନୁଯାୟୀ ଗତି ରାଉତ ପାଟଣା ଶ୍ରୀରାମ ମନ୍ଦିର ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇ ଯାଇଛି । ଅଙ୍କୁରାରୋପଣ, କଳସ ଯାତ୍ରା, ମହାଯଜ୍ଞ, ଭଜନ ସନ୍ଧ୍ୟା, ପ୍ରବଚନ ଓ ପ୍ରସାଦ ସେବନ ପ୍ରତ୍ୟେକ କାର୍ଯ୍ୟ ଆଧ୍ୟାତ୍ମିକ ନିୟମ ଅନୁସାରେ ସମ୍ପନ୍ନ ହୋଇଛି । ଏହି ଅବସରରେ ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ସାଂସଦ ଭର୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ସେଠୀ, କଟକ ସଦର ପଂଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଭାଗ୍ୟଲକ୍ଷ୍ମୀ ରାଉତ ପ୍ରମୁଖ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ବିଭୁ କୃପା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଭାପତି ସାରଦା ପ୍ରସନ୍ନ ମହାରଣା, ସମ୍ପାଦକ ନିରୋଜ ଲୋଚନ ବେହେରା, ଉପ ସଭାପତି ଯୁଗଳ କିଶୋର ବେହେରା, ସହ ସମ୍ପାଦକ ସୁଶାନ୍ତ କୁମାର ରାଉତ, କୋଷାଧ୍ୟକ୍ଷ ସରୋଜ କୁମାର ବେହେରା, ଅନ୍ୟାନ୍ୟ ସଭ୍ୟ ମାନଙ୍କ ମଧ୍ୟରେ ରାଜକିଶୋର ରାଉତ, ରମେଶ ଚନ୍ଦ୍ର ଦଳାଇ, କୁଞ୍ଜ ବିହାରୀ ପରିଡ଼ା, ନାରାୟଣ ଦଳାଇ, ମାନସ ରଞ୍ଜନ ରାଉତ, ପ୍ରମୋଦ କୁମାର ଦଳାଇ, ରଞ୍ଜନ କୁମାର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ନେତୃତ୍ୱ ନେଇ ସମ୍ପନ୍ନ କରିବାରେ ସଫଳ ହୋଇଥିଲେ ।

# ସରକାରୀ ମହାବିଦ୍ୟାଳୟ ବଲାଙ୍ଗୀରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ

ବଲାଙ୍ଗିର : ସରକାରୀ ମହାବିଦ୍ୟାଳୟ ବଲାଙ୍ଗିରର ଯୁବ ରେଡକ୍ରସ୍ ଶାଖା , ଜାତୀୟ ସେବା ଯୋଜନା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବଲାଙ୍ଗିରର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଉପଲକ୍ଷେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର କୌତୁକ ପନ୍ଦର ଉଦଘାଟନ କରିବା ସହିତ ରକ୍ତଦାନର ମହତ୍ୱ ସଂପର୍କରେ ଅବଗତ କରାଇଥିଲେ । ମେଡିକାଲ ଅଫିସର ଡାକ୍ତର ଅଶୋକ କୁମାର ମିଶ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ରକ୍ତଦାନ ଏକ ମହତ୍ କାର୍ଯ୍ୟ ଏହା ଅନ୍ୟର ଜୀବନ ବଂଚାଇବା ସହ ନିଜର ସ୍ୱାସ୍ଥ୍ୟକୁ ମଧ୍ୟ ସୁସ୍ଥ ରଖିଥାଏ । ବଲାଙ୍ଗିର ଜିଲ୍ଲା ଯୁବ ରେଡକ୍ରସ୍ ଆବାହକ ସଂପାଦିକା ବନ୍ଦନା ବାର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଜିଲ୍ଲା ରକ୍ତଭଣ୍ଡାର କାର୍ଯ୍ୟାଳୟର ଅଧିକାରୀ ଜ୍ୟୋତିର୍ମୟୀ ନାଏକ, ଶେଖ୍ ଅବଦୁଲ ଅସରଫ, ଦେବାଶିଷ ମିଶ୍ର,ସାଜନ୍ ରଣା ପ୍ରମୁଖ ଏଥିରେ ଉପସ୍ଥିତ ରହି ସହଯୋଗ କରିଥିଲେ । ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ କୁମାର ବାରିକ, ସୁମନ୍ତ ରଣା, ଯୋଗେନ୍ଦ୍ର ରଣା,ସୁବେର ଭୋଇ, ଚନ୍ଦନ ପୁହାଣ, ପ୍ରଭାତ କୁମାର ସାହୁ,ଅନିଲ କୁମାର ପଟ୍ଟନାଏକଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ସହଯୋଗ କରିବା ସହିତ ରକ୍ତଦାନ କରିଥିଲେ । ପରିଶେଷରେ ମହାବିଦ୍ୟାଳୟର କାଉନସିଲର ବିଶ୍ୱଭୂଷଣ ବିଶ୍ୱାଳ ଆନୁଷ୍ଠାନିକ ଭାବରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଉଦ୍‌ଯାପିତ

ଜୟପୁର : ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ର ର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଉଦଯାପିତ ହୋଇଛି । ଜୟପୁର ସହରର ସୁନାରି ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ତା ୧୭.୦୪.୨୦୨୬ ଓ ୧୮.୦୪.୨୦୨୬ ରିଖ ଦୁଇ ଦିନ ଧରି ସମଗ୍ର ଶିକ୍ଷଣ ସାମଗ୍ରୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା । ଦକ୍ଷିଣ ପ୍ରାଥମିକ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜିକା ବିଜୟ ଲକ୍ଷ୍ମୀ ପାଣିଗ୍ରାହୀ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଯୋଗଦାନ କରିଥିବା ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଭିନ୍ନ ପ୍ରକାରର ସମଗ୍ର ଶିକ୍ଷଣ ସାମଗ୍ରୀ ତିଆରି କରିଥିଲେ, ଯାହାକି ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା କ୍ଷେତ୍ରରେ ସହାୟକ ହେବ ବୋଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ ସୂଚନା ଦେଇଥିଲେ । ଆଜିର ଏହି ଉଦଯାପନି ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟପୁର ଚନ୍ଦନ କୁମାର ନାୟକ, ସହକାରି ଗୋଷ୍ଠୀ ଶିକ୍ଷା ଅଧିକାରୀ କେ. ଗୋପାଳ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଶଶୀ ଭୂଷଣ ଦାସ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷୟିତ୍ରୀ କେ. ସୁନିତା, ସହକାରୀ ଶିକ୍ଷୟତ୍ରୀ ମନ୍ଦାକିନୀ ମିଶ୍ର, ବବିତା ପାତ୍ର, ପଦ୍ମଜା ଷଡ଼ଙ୍ଗୀ, ଗିତାଞ୍ଜଳି ପଣ୍ଡା କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ପଂଚାନନ ମିଶ୍ର ସମଗ୍ର ଶିକ୍ଷଣ ସାମଗ୍ରୀ ବିଷୟରେ ସମସ୍ତଙ୍କୁ ତାଲିମ୍ ଦେଇଥିବାରୁ ଶିବିର ତରଫରୁ ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ କୃଷକ ଦିବସ ପାଳିତ

## ✦ ଅକ୍ଷୟ ତୃତୀୟା ବର୍ଷକର ସବୁଠାରୁ ପବିତ୍ର ଦିନ: ମନ୍ତ୍ରୀ ଶ୍ରୀ ହରିଚନ୍ଦନ



ଖୋର୍ଦ୍ଧା : ଅକ୍ଷୟ ତୃତୀୟା ବର୍ଷକର ୩୬୫ ଦିନର ସବୁଠାରୁ ପବିତ୍ର ଓ କିମ୍ବଦନ୍ତୀ ଦିନ । ଏହି ଦିନରେ ମହାପ୍ରଭୁଙ୍କର ରଥକାଠ ଅନୁକୂଳ ହୁଏ । ସେହିପରି ଆଜିର ଦିନରେ ତ୍ରେତୟା ଯୁଗ ଆରମ୍ଭ ଏବଂ ଭଗବାନ ପର୍ଶୁରାମ ଙ୍କ ଜନ୍ମ ହୋଇ ଥିଲା ବୋଲି କୁହାଯାଏ । ଆଜି ଦିନରେ ମା 'ଲକ୍ଷ୍ମୀ ଓ ବିଷ୍ଣୁଙ୍କୁ ଆରାଧନା କରାଯାଏ । ଦିବସର ଅନନ୍ୟ ଗୁରୁତ୍ୱ ଅଛି, ମାଟି ମା' ଓ ପୃଥିବୀକୁ ଚାଷୀ କୁଳ ପୂଜା କରି ଭଲ ଫସଲ ଅମଳ ପାଇଁ ପୃଥିବୀ ପୃଷ୍ଠରେ ଯଥାର୍ଥ ପରିମାଣର ଖରା, ବର୍ଷା, ଶୀତ କାକରରେ ତାହାର ଫସଲ ଯେପରି ଭଲ ଅମଳ ହୋଇ ଖଳାକୁ ଆସିବ ସେଥି ପାଇଁ କାମନା ରଖି ଅକ୍ଷୀ ମୁଠି କ୍ଷେତରେ ବୁଣିବା ଆରମ୍ଭ କରିଥାଏ ବୋଲି ଆଜି ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ ଅନ୍ତର୍ଗତ ଗମ୍ଭାରୀମୁଣ୍ଡା ଗ୍ରାମ ପଂଚାୟତ ବରପାଟଣା ଗ୍ରାମ ଜାଗର ପଡିଆଠାରେ ଜିଲ୍ଲାସ୍ତରୀୟ କୃଷକ ଦିବସ ସମାରୋହରେ ଓଡ଼ିଶାର ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ, ଓଡ଼ିଶା ସରକାର ଶ୍ରୀଯୁକ୍ତ ପୃଥ୍ୱୀ ରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା ପ୍ରକାଶ କରିଛନ୍ତି କ୍ଷ ମନ୍ତ୍ରୀ ଆହୁରି କହିଛନ୍ତି ସି ଏମ କିଶାନ ସହାୟତା ରାଜ୍ୟ ସରକାର ଆଜି ରିଲିଜ୍ କରି ଚାଷୀ ପରିବାର ମୁହଁରେ ହସ ଫୁଟାଇଛନ୍ତି । ଧାନର ସବସିଡି ୮୦୦ ଟଙ୍କା ବୃଦ୍ଧି, ବଳଭଦ୍ର ଜୈବିକ ଚାଷ ,ଡାଲି ଜାତୀୟ ଫସଲ, ଫସଲ ବିବିଧତା, କ୍ଷୁଦ୍ର ଚାଷୀ ରୋଜଗାର ବୃଦ୍ଧି କରିବା, ଶାଳିଆ ପ୍ରକଳ୍ପ ଡ୍ୟାମର ଉଚ୍ଚତା ବଢ଼ାଇବା ୨୯ ଗୋଟି କ୍ଷୁଦ୍ର ଜଳସେଚନ ଆରମ୍ଭ କରି ଚିଲିକା ନିର୍ବାଚନ ମଣ୍ଡଳୀରେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି କଲ୍ପେ ମନ୍ତ୍ରୀ ପ୍ରାଧାନ ଦେଇଛନ୍ତି ପ୍ରକାଶ କରି ସମସ୍ତ ଚାଷୀକୁଳ ଓ ଜିଲ୍ଲାର ସୁଖ ସମୃଦ୍ଧି କାମନା କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗ ଦେଇ କହିଲେ ରାଜ୍ୟ ସରକାରଙ୍କ ଧାନକ୍ରୟରେ ଡି ବି ଟି ଏଲ ମାଧ୍ୟମରେ ଧାନର କୁଇଁଟାଲ ପିଛା ୮୦୦ ଟଙ୍କା ସବ୍ ସିଡି ବୃଦ୍ଧି ଏକ ଐତିହାସିକ ପଦକ୍ଷେପ । ସେହିଁପରି ବେରୋଜଗାର ସମସ୍ୟା ଏଡ଼ାଇବା ଦିଗରେ ରାଜ୍ୟ ସରକାର ଆନୁଷଙ୍ଗିକ କୃଷି, ଗୋପାଳନ, ଉଦ୍ୟାନ କୃଷି, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସରକାର ଯୁବକ ମାନଙ୍କ ପାଇଁ ମଧ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଣୁ ଯୁବକ ମାନେ ଚାଷ କ୍ଷେତ୍ରରେ ପ୍ରାଧାନ ଦେଲେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାର ଓ ଜିଲ୍ଲା ଏବଂ ରାଜ୍ୟର ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇ ପ୍ରଧାନ ମନ୍ତ୍ରୀଙ୍କ ଆତ୍ମ ନିର୍ଭର ଭାରତ, ସ୍ୱଦେଶୀ ଭାରତ ସାକାର ହେବବୋଲି କହି ରାଜନୈତିକ କେନ୍ଦ୍ରବିନ୍ଦୁ ରୁ ଉର୍ଦ୍ଧରେ ରହି ସଅବକାସାଥ ସବକାବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ କହିଲେ ଆମେ ସମସ୍ତେ କୃଷି ସଂସ୍କୃତି ମଧ୍ୟରେ ଜନ୍ମ ନେଇଛେ । କୃଷି ଆମ ଜାତିର ପ୍ରାଣ କେନ୍ଦ୍ର କ୍ଷ କୃଷିକୁ ଛାଡ଼ି ସମାଜ ତିଷ୍ଠି ପାରିବ ନାହିଁ । କୃଷକ ଆମର ଅନ୍ନଦାତା, ଏଣୁ କୃଷକ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ରାଜ୍ୟ ସରକାର ଧ୍ୟାନ ଦେବା ଆବଶ୍ୟକତା ଅଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଉପ ସଭାପତି ଗୋପୀନାଥ ମହାରଣା ଯୋଗଦେଇ କହିଲେ ଚିଲିକା ଅଂଚଳରେ ବୁଣା ଧାନ ଓ ରୁଆ ଧାନ ହୋଇଥାଏ । ଏଥି ସହ କୋଳଥ , ମାଣ୍ଡିଆ ଚାଷ କୁ ଅଗ୍ରାଧିକାର ଦେଇ ଚାଷୀ କୁଳର ହିତ ସାଧନରେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ସଭାପତି ଅଭିଭାଷଣରେ ଜିଲ୍ଲାପାଳ ଶ୍ରୀ ଅମ୍ରିତ୍ ଋତୁରାଜ କହିଲେ ଅକ୍ଷୟ ତୃତୀୟା ହିନ୍ଦୁ ଓ ଜୈନ ଧର୍ମର ପବିତ୍ର ପର୍ବ କ୍ଷ ବୈଶାଖ ତାତିରୁ ମୁକ୍ତ ପାଇଁ ମହାପ୍ରଭୁ ଲିଙ୍ଗରାଜ ବିନ୍ଦୁ ସାଗରରେ ଚାପ ଖେଳୁଥିବା ବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁ ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳୁଛନ୍ତି । ଏହି ପର୍ବର ମହାନ୍ ସାଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରା ର ନିଦର୍ଶନ ଅଟେ । ବର୍ଷା ଠିକ୍ ସମୟରେ ହେଉ, ଅମଳ ଅଧିକ ହେଉ ବୋଲି ମା ଧରିତ୍ରୀ କୁ ପୂଜା କରାଯାଇଥାଏ କ୍ଷ ଜିଲ୍ଲାପାଳ କହିଥିଲେ ଜିଲ୍ଲା ପ୍ରଶାସନ ଚାଷୀ ପଞ୍ଜିକରଣଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି, ମଣ୍ଡି ଅଧିକ ଖୋଲିବା, ଚାଷୀ ନିକଟରେ ଧାନ ଦେବା,ଡାଲି, ତୈଳ ଜାତୀୟ ଫସଲ କୁ ଗୁରୁତ୍ୱ ଦେବା, ବ୍ୟାଙ୍କ ମାଧ୍ୟମରେ ଚାଷୀଙ୍କୁ ଋଣ ପ୍ରଦାନ, ଜୈବିକ ସାର ବ୍ୟବହାର ଦିଗରେ ଜିଲ୍ଲା ପ୍ରଶାସନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ପ୍ରକାଶ କରି ଚାଷୀ ହିତ ସାଧନରେ ସରକାର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରୁଛନ୍ତି ବୋଲି ପ୍ରକାଶ କରି ଚାଷୀ ମାନେ ଏହାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ, ମାନ୍ୟବର ବିଧାୟକ ଜିଲ୍ଲାପାଳ, ଜିଲ୍ଲାପରିଷଦ ଉପସଭାପତି ଭୂମି ପୂଜନ କରିବା ସହ କ୍ଷେତରେ ପାରମ୍ପାରିକ ବଳଦଯୋଡା ହଳ ବୁଲାଇ ଅକ୍ଷି ମୁଠି ଅନୁକୂଳ ବୁଣିଥିଲେ । ପରେ ଶ୍ରୀ ଜଗନ୍ନାଥଙ୍କ ପ୍ରତିମୂର୍ତୀରେ ପ୍ରଦୀପ ପ୍ରଜ୍ୱଳନ କରି ଦିବସକୁ ଉଦ୍ଘାଟନ ଓ ବୃକ୍ଷରେ ଜଳଦାନ କରିଥିଲେ । ଅତିଥି ମାନଙ୍କୁ ଉତରୀୟ ଓ ଚାରାକୁଣ୍ଡ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଦିବସରେ ଆଂଚଳିକ ଜାତୀୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ମଂଚ ପରିଚାଳନା ରେ ସଭାପତି, ଚିଲିକା ସାହିତ୍ୟ ସଂସଦ ଶ୍ରୀ ବାଳ ମୁକୁନ୍ଦ ଦାସ ନିର୍ବାହ କରିଥିବା ବେଳେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ମନୋରଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ କ୍ଷ ଅନ୍ୟ ମାନଙ୍କ ମଧ୍ୟରେ ପ୍ରାକ୍ତନ ବାଣପୁର ପଂଚାୟତ ସମିତି ଅଧ୍ୟକ୍ଷ ମାଧବ ଚନ୍ଦ୍ର ଦଳେଇ, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ସୁରେନ୍ଦ୍ର ନାଥ ଦାସ, ଜଳ ବିଭାଜିକା ଅଧିକାରୀ , ସହକାରୀ ନିର୍ଦ୍ଦେଶକ,ଉଦ୍ୟାନ କୃଷି , ଶ୍ରେୟା ଶତପଥୀ,ବି ଡି ଓ, ଚିଲିକା, ପୁନମ୍ ମହାପାତ୍ର,ବି ଡି ଓ, ବାଣପୁର , ବିକାଶ କୁମାର ମହାନ୍ତି ପ୍ରମୁଖ ମଂଷୀନ ଥିଲେ । ପରି ଶେଷରେ ମୁଖ୍ୟ ଅତିଥି ଓ ସମସ୍ତ ଅତିଥି କୃଷି ସଚେତନତା ରଥ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଦିବସରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜ ନୈତିକ ନେତୃବୃନ୍ଦ, ସରପଂ, ଚାଷୀ, କୃଷକ, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ ।

# ରିଲିଆନ୍ସ ଜିଓ ପକ୍ଷରୁ ଜାତୀୟ ଅଗ୍ନି ନିରୋଧକ ସଚେତନତା



ଜଳେଶ୍ୱର (ନି ପ୍ର ) ଜଳେଶ୍ୱର ବଡ଼ବଜାର ଛକ ରେ ରିଲିଆନ୍ସ ଜିଓ ପକ୍ଷ ରୁ ଏକ ଜାତୀୟ ଅଗ୍ନି ନିରୋଧକ ସଚେତନତା ଅନୁଷ୍ଠିତ ହୋଇ ଯାଇଛି ! ଏହି କାର୍ଯ୍ୟକ୍ରମ ରେ ଜେଡି କନଷ୍ଟ୍ରୋକ୍ସନ ର ମୁଖ୍ୟ ବିରେନ ପାତ୍ର, ବିକାଶ ପାତ୍ର, ସୁମନ ପାଢ଼ୀ, ଭରତ ଗିରି, ନୃସିଂହ ଜେନା, ମୃତ୍ୟୁଞ୍ଜୟ ପରିଡା, ଅଭିଜିତ ମିଶ୍ର, ରାକେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ /କିଛି ପଥଚାରୀ ଙ୍କୁ ଥଣ୍ଡା ପାନୀୟ ପ୍ରଦାନ କରାଯାଇଥିଲା !

# ଟ୍ରାକ୍ରୁ ପାର୍ଲାମେଂଟ ପର୍ଯ୍ୟନ୍ତ: ଭାରତର ଭବିଷ୍ୟତ ପାଇଁ ମହିଳା ନେତୃତ୍ୱ କାହିଁକି ଆବଶ୍ୟକ

ଡ. ପି.ଟି. ଉଷା

ମୁଁ ମୋର ସାରା ଜୀବନ ଦୌଡ଼ିବାରେ ବିତାଇଛି-ପ୍ରଥମେ କେରଳର ମାଟି ଟ୍ରାକ୍ରେ, ତା'ପରେ ବିଶ୍ୱ ମଂଚରେ ଏବଂ ଏବେ ସାର୍ବଜନୀନ ଜୀବନର କରିଡରରେ । ପ୍ରତ୍ୟେକ ପଦକ୍ଷେପରେ ମୁଁ ଅନେକ ବାଧାବିଘ୍ନର ସମ୍ମୁଖୀନ ହୋଇଛି, କିଛି ଦୃଶ୍ୟମାନ ତ ଆଉ କିଛି ଅଦେଖା, ଅକୁହା- ଯାହା ମହିଳାମାନଙ୍କୁ କହୁଥିଲା ଯେ ଏଠାରେ ସେମାନଙ୍କ ପାଇଁ କୌଣସି ସ୍ଥାନ ନାହିଁ । କିନ୍ତୁ ଯେତେବେଳେ ସେହି ପ୍ରତିବନ୍ଧକ ଗୁଡ଼ିକ ହଟିବାକୁ ଲାଗେ, ସେତେବେଳେ କ'ଣ ହୁଏ ତାହା ମଧ୍ୟ ମୁଁ ଦେଖିଛି । ସୁଯୋଗ ଫଳାଫଳକୁ ବଦଳାଇ ଦିଏ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ବିଶ୍ୱାସକୁ ବଦଳାଇ ଦିଏ । ସେଥିପାଇଁ ସମ୍ବିଧାନ (ଏକ ଶହ ଅଠେଇଶ ତମ ସଂଶୋଧନ) ବିଧେୟକ-୨୦୨୩ ତଥା 'ନାରୀ ଶକ୍ତି ବନ୍ଦନ ଅଧିନିୟମ'-କେବଳ ଏକ ଆଇନଗତ ମାଇଲଖୁଂଟ ନୁହେଁ; ଏହା ଏକ ବହୁ ପ୍ରତୀକ୍ଷିତ ସଂରଚନାତ୍ମକ ସଂସ୍କାର । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷଣ କରିବା କୌଣସି ଅନୁକମ୍ପା କିମ୍ବା ପ୍ରତୀକାତ୍ମକ ପଦକ୍ଷେପ ନୁହେଁ । ଅଧିକ ପ୍ରତିନିଧି ସମ୍ବଳିତ ଏବଂ ପ୍ରଭାବଶାଳୀ ଗଣତନ୍ତ୍ର ଦିଗରେ ଏହା ଏକ ଆବଶ୍ୟକୀୟ ପଦକ୍ଷେପ । କ୍ରୀଡ଼ା ଆମକୁ କ'ଣ ଶିଖାଇଛି ମୋର ମନେ ପଡ଼େ, ୧୯୮୪ ଲସ୍ ଏଞ୍ଜେଲେସ୍ ଅଲମ୍ପିକ୍ସ କଥା । ସେତେବେଳେ ଗୋଟିଏ ସେକେଣ୍ଡର କିଛି ଭାଗ ଆଗପଛ ହେତୁ ମୁଁ ପଦକ ହରାଇଥିଲି । ସେ ସମୟରେ ବହୁତ କମ୍ ଭାରତୀୟ ଝିଅ ଥିଲେ ଯେଉଁମାନେ ନିଜକୁ ଏକ ବିଶ୍ୱସ୍ତରୀୟ ମଂଚରେ ଦେଖିବାକୁ ସକ୍ଷମ ହେଉଥିଲେ । ଗତ କିଛି ଦଶନ୍ଧି ମଧ୍ୟରେ ସେହି ଚିତ୍ର ବଦଳିଛି । ତାଲିମ, ଭିତିଭୂମି ଏବଂ ସ୍ୱୀକୃତିର ସୁଯୋଗ ବୃଦ୍ଧି ପାଇବା ସହିତ ଭାରତୀୟ ମହିଳାମାନେ ଅନ୍ତର୍ଜାତିୟ ସ୍ତରରେ ସୁନାମ ଅର୍ଜନ କରିଛନ୍ତି । ପି.ଭି. ସିନ୍ଧୁ, ମୀରାବାଈ ଚାନୁ, ଭିନେଶ ଫୋଗାଟ୍ ଏବଂ ମେରୀ କମ୍ଙ୍କ ଭଳି ଆଥଲେଟ୍ମାନେ ଆକସ୍ମିକ ଭାବେ ସୃଷ୍ଟି ହୋଇ ନାହାଁନ୍ତି । ସେମାନେ ଏକ ବ୍ୟବସ୍ଥାର ଫଳାଫଳ ଯାହା ଧୀରେ ଧୀରେ ହେଲେ ମଧ୍ୟ ସୁଯୋଗର ପରିସରକୁ ବଢ଼ାଇଛି । ପ୍ରତିନିଧିତ୍ୱ ଦ୍ୱାରା ଆକାଂକ୍ଷା ସୃଷ୍ଟି ହୁଏ, ଏବଂ ଆକାଂକ୍ଷାକୁ ଯେତେବେଳେ ସହଯୋଗ ମିଳେ, ତାହା ସଫଳତା ଆଣିଦିଏ । ଶିକ୍ଷା ସ୍ପଷ୍ଟ । ଯେତେବେଳେ ମହିଳାମାନଙ୍କୁ ସ୍ଥାନ ଦିଆଯାଏ, ସେମାନେ କେବଳ ଅଂଶଗ୍ରହଣ କରନ୍ତି ନାହିଁ-ସେମାନେ ଶ୍ରେଷ୍ଠତା ପ୍ରତିପାଦନ କରନ୍ତି । ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଉତ୍ତମ ଶାସନ ତୃଣମୂଳ ସ୍ତରରେ ମହିଳା ନେତୃତ୍ୱର ପ୍ରଭାବ ଭାରତ ପୂର୍ବରୁ ଦେଖିସାରିଛି । ୭୩ତମ ସମ୍ବିଧାନ ସଂଶୋଧନ ପଂଚାୟତିରାଜ ଅନୁଷ୍ଠାନ ଗୁଡ଼ିକରେ ମହିଳାଙ୍କ ପାଇଁ ସଂରକ୍ଷଣ ଆଣିବା ପରଠାରୁ, ବିଭିନ୍ନ ରାଜ୍ୟରେ ହୋଇଥିବା ଅଧ୍ୟୟନରୁ ଜଣାପଡ଼ିଛି ଯେ ମହିଳା ପ୍ରତିନିଧିମାନଙ୍କ ନେତୃତ୍ୱରେ ପାନୀୟ ଜଳ, ପରିମଳ, ଶିକ୍ଷା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ହୋଇଛି । ଏଗୁଡ଼ିକ କେବଳ 'ମହିଳାଙ୍କ ସମସ୍ୟା' ନୁହେଁ; ଏଗୁଡ଼ିକ ଜାତୀୟ ପ୍ରାଥମିକତା । ମହିଳାମାନେ ନେତୃତ୍ୱ ନେଲେ ସେମାନେ ପ୍ରାୟତଃ ଦୈନନ୍ଦିନ ଶାସନଗତ ଆହ୍ୱାନଗୁଡ଼ିକ ଉପରେ ଗୁରୁତ୍ୱ ଦିଅନ୍ତି ଯାହା ପରିବାର ଏବଂ ସମାଜକୁ ସିଧାସଳଖ ପ୍ରଭାବିତ କରେ, ଯେମିତି- ନିରାପଦ ସାର୍ବଜନୀନ ସ୍ଥାନ, କାର୍ଯ୍ୟକ୍ଷମ ବିଦ୍ୟାଳୟ, ପୁଷ୍ଟିସାଧନ ଏବଂ ସ୍ୱାସ୍ଥ୍ୟ ସେବା । ଏହି ପ୍ରତିନିଧିତ୍ୱକୁ ରାଜ୍ୟ ବିଧାନସଭା ଏବଂ ସଂସଦ ପର୍ଯ୍ୟନ୍ତ ନେବା କେବଳ ନ୍ୟାୟର କଥା ନୁହେଁ । ଏହା ଶାସନର ଗୁଣବତାରେ ଉନ୍ନତି ଆଣିବାର ଏକ ପ୍ରମୁଖ ବିଷୟ । ପ୍ରତିନିଧିତ୍ୱର ଆର୍ଥିକ ଦିଗ ଭାରତରେ ମହିଳା ଶ୍ରମିକଙ୍କ ଅଂଶଗ୍ରହଣ ହାର ବିଶ୍ୱରେ ସର୍ବନିମ୍ନ ସ୍ତରରେ ରହିଛି, ଯାହା ପ୍ରାୟ ୨୫ ପ୍ରତିଶତ । ଏହା କେବଳ ଏକ ସାମାଜିକ ଚିନ୍ତା ନୁହେଁ-ଏହା ଏକ ଆର୍ଥିକ ପ୍ରତିବନ୍ଧକ ମଧ୍ୟ । ବିଧାନସଭା ଗୁଡ଼ିକରେ ମହିଳାଙ୍କ ଅଧିକ ପ୍ରତିନିଧିତ୍ୱ ସେହି ନୀତିଗୁଡ଼ିକୁ ପ୍ରାଥମିକତା ଦେବାରେ ସାହାଯ୍ୟ କରିବ ଯାହା ଏହି ଅବ୍ୟବହୃତ ସାମର୍ଥ୍ୟକୁ ବିକଶିତ କରିପାରିବ: ସୁଲଭ ଶିଶୁ ଯତ୍ନ, ନିରାପଦ କର୍ମକ୍ଷେତ୍ର, ଋଣ ସୁବିଧା ଏବଂ ମହିଳା ଉଦ୍ୟୋଗୀଙ୍କ ପାଇଁ ସହଯୋଗ । ମ୍ୟାକକିନ୍ସ ଗ୍ଲୋବାଲ ଇନଷ୍ଟିଚ୍ୟୁଟ୍ ଆକଳନ କରିଛି ଯେ ଲିଙ୍ଗଗତ ସମାନତାକୁ ଆଗକୁ ନେଲେ ଭାରତର ଜିଡିପିରେ ୭୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି ହୋଇପାରିବ । ଏକ ଅଧିକ ଅନ୍ତର୍ଭୁକ୍ତିମୂଳକ ସଂସଦ କେବଳ ଏକ ଗଣତାନ୍ତ୍ରିକ ଆବଶ୍ୟକତା ନୁହେଁ; ଏହା ଏକ ଆର୍ଥିକ ଅପରିହାର୍ଯ୍ୟତା ମଧ୍ୟ । ସୁରକ୍ଷା, ମର୍ଯ୍ୟାଦା ଏବଂ ଅଂଶଗ୍ରହଣ ଭାରତର କୋଟି କୋଟି ମହିଳାଙ୍କ ପାଇଁ, ସାର୍ବଜନୀନ ଜୀବନରେ ଅଂଶଗ୍ରହଣ ଏବେ ମଧ୍ୟ ସୁରକ୍ଷା, ପାତରଅନ୍ତର ଏବଂ ସମାନତାବିହୀନ ସୁଯୋଗର ଚିନ୍ତା ଦ୍ୱାରା ପ୍ରଭାବିତ । କ୍ରୀଡ଼ା, ଶିକ୍ଷା କିମ୍ବା କର୍ମକ୍ଷେତ୍ର- ସବୁକ୍ଷେତ୍ରରେ ଏହି ପ୍ରତିବନ୍ଧକସବୁ ଗଭୀର ଭାବରେ ରହିଛି । ସଂସଦରେ ଅଧିକ ମହିଳା ସଦସ୍ୟ ହେବାର ଅର୍ଥ ହେଉଛି ଆଇନ ଏବଂ ନୀତିଗୁଡ଼ିକ କେବଳ ଦୂରରୁ ଅନୁଭବ କରି ନୁହେଁ, ବରଂ ବାସ୍ତବ ଜୀବନର ଅନୁଭୂତି ଆଧାରରେ ପ୍ରସ୍ତୁତ ହେବ । ଏହାର ଅର୍ଥ ହେଉଛି ନିୟମ କାର୍ଯ୍ୟକାରୀ କରିବା ପାଇଁ ଶକ୍ତିଶାଳୀ ଓକିଲାତି, ସହାୟତା ବ୍ୟବସ୍ଥା ପାଇଁ ସମ୍ବଳର ଉତମ ବଂଟନ ଏବଂ ଏକ ନ୍ୟାୟିକ ଢାଂଚା ଯାହା ଅଧିକ ସମ୍ବେଦନଶୀଳ ଏବଂ ସୁଲଭ ହେବ । ଶାସନ ସେତେବେଳେ ଅଧିକ ପ୍ରଭାବଶାଳୀ ହୁଏ ଯେତେବେଳେ ଏହା ସେହି ଲୋକମାନଙ୍କର ଅନୁଭୂତିକୁ ପ୍ରତିଫଳିତ କରେ ଯେଉଁମାନଙ୍କ ପାଇଁ ଏହା ଉଦ୍ଦିଷ୍ଟ । ପ୍ରତିନିଧିତ୍ୱ ଏବଂ ଆକାଂକ୍ଷାର ଶକ୍ତି ଭାରତରେ କ୍ଷମତାର ଚିତ୍ର ଦୀର୍ଘ ଦିନ ଧରି ମୁଖ୍ୟତଃ ପୁରୁଷ ପ୍ରଧାନ ହୋଇ ରହିଆସିଛି । ସେହି ଚିତ୍ରକୁ ବଦଳାଇବା ପ୍ରତୀକାତ୍ମକ ନୁହେଁ-ଏହା ରୂପାନ୍ତରଣ । ଯେତେବେଳେ ମଣିପୁର, ଝାଡ଼ଖଣ୍ଡ, ରାଜସ୍ଥାନ କିମ୍ବା ଭାରତର ଯେକୌଣସି ପ୍ରାନ୍ତରୁ ଜଣେ ଯୁବତୀ ନିଜ ଭଳି ଦେଖାଯାଉଥିବା, ନିଜ ଭଳି କଥା କହୁଥିବା ଏବଂ ସମାନ ପୃଷ୍ଠଭୂମିରୁ ଆସିଥିବା ଜଣେ ମହିଳାଙ୍କୁ ଦେଶର ଆଇନ ପ୍ରଣୟନ କରୁଥିବାର ଦେଖନ୍ତି, ତାହା ତାଙ୍କୁ କେବଳ ଉତ୍ସାହିତ କରେ ନାହିଁ, ଏହା ସେ କ'ଣ କରିପାରିବେ ସେହି ବିଶ୍ୱାସକୁ ପୁନଃନିର୍ମାଣ କରେ । ଆକାଂକ୍ଷା ହେଉଛି ସାମାଜିକ ରୂପାନ୍ତରଣର ଇଞ୍ଜିନ । ସଂରକ୍ଷଣ ଦ୍ୱାରା ବିଧାନସଭାର ମାନଦଣ୍ଡ ହ୍ରାସ ହୁଏ ନାହିଁ; ଏହା ସୁଯୋଗର ପରିସରକୁ ବଢ଼ାଇ ଥାଏ । ଭାରତର ମହିଳାମାନେ ପୂର୍ବରୁ କ୍ରୀଡ଼ା ପ୍ରାଙ୍ଗଣ, ସଶସ୍ତ୍ର ବାହିନୀ, ବିମାନ ଚାଳନା ଏବଂ କମ୍ପାନୀ ବୋର୍ଡରୁମରେ ଥିବା ପ୍ରତିବନ୍ଧକକୁ ଭାଙ୍ଗି ସାରିଛନ୍ତି । ବ୍ୟବସ୍ଥାପିକାରେ ପ୍ରତିନିଧିତ୍ୱ ହେଉଛି ସେହି ଯାତ୍ରାର ପରବର୍ତୀ ସ୍ୱାଭାବିକ ପଦକ୍ଷେପ । କାର୍ଯ୍ୟ କରିବାର ସମୟ ଏବେ ରାଜ୍ୟସଭାରେ ସେବା କରିବାର ସମ୍ମାନ ପାଇଥିବାରୁ, ମୁଁ ନିଜେ ଦେଖିଛି ଯେ କିପରି ବିବିଧ ଦୃଷ୍ଟିକୋଣ ଆଲୋଚନା ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟାକୁ ଶକ୍ତିଶାଳୀ କରିଥାଏ । ତଥାପି, ଆଜି ଲୋକସଭାରେ ମହିଳା ମାନଙ୍କର ପ୍ରତିନିଧିତ୍ୱ ମାତ୍ର ୧୫ ପ୍ରତିଶତ-ଯାହା ବିଶ୍ୱ ହାରଠାରୁ ଯଥେଷ୍ଟ କମ୍ । ନାରୀ ଶକ୍ତି ବନ୍ଦନ ଅଧିନିୟମ ପାରିତ ହୋଇଛି । ଏବେ କେବଳ ଏହାକୁ ସମ୍ପୂର୍ଣ୍ଣ ଭାବେ, ନିଷ୍ଠାର ସହିତ ଏବଂ ବିନା ବିଳମ୍ବରେ କାର୍ଯ୍ୟକାରୀ କରିବା ପାଇଁ ରାଜନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଭାରତ ନିଜର ଅର୍ଦ୍ଧେକ ଜନସଂଖ୍ୟାକୁ ସର୍ବୋଚ୍ଚ ନିଷ୍ପତି ଗ୍ରହଣକାରୀ ସଂସ୍ଥାରେ ସ୍ୱଳ୍ପ ପ୍ରତିନିଧିତ୍ୱ ଦେଇ ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖିପାରିବ ନାହିଁ । ନିଜର ଅର୍ଦ୍ଧେକ ପ୍ରତିଭାକୁ ବାଦ୍ ଦେଇ ଏକ 'ବିକଶିତ ଭାରତ' ଗଠନ କରାଯାଇପାରିବ ନାହିଁ, କିମ୍ବା ନିଜର ଅର୍ଦ୍ଧେକ ସ୍ୱରକୁ ଚାପି ଦେଇ ଏକ ପ୍ରକୃତ ଗଣତନ୍ତ୍ର ସମୃଦ୍ଧ ହୋଇପାରିବ ନାହିଁ । ଆଗକୁ ଯିବା ପାଇଁ ଆମ ଆଗରେ ପଥ ସ୍ପଷ୍ଟ । ହେଲେ ସେହି ପଥରେ ଚାଲିବା ପାଇଁ ଆମର ଦୃଢ଼ ସଂକଳ୍ପ ଅଛି କି ନାହିଁ – ତାହାହିଁ ପ୍ରଶ୍ନ ।

***(ଲେଖିକା ରାଜ୍ୟସଭା ସାଂସଦ; ସଭାପତି, ଭାରତୀୟ ଅଲିମ୍ପିକ୍ ଆସୋସିଏସନ ଏବଂ ସଭାପତି, କମନୱେଲଥ ଗେମ୍ସ ଆସୋସିଏସନ, ଇଣ୍ଡିଆ)***

# ଜିଲ୍ଲାସ୍ତରୀୟ "ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା" କାର୍ଯ୍ୟକ୍ରମ ବାଲେଶ୍ୱରରେ ଅନୁଷ୍ଠିତ

ବାଲେଶ୍ୱର,(ନି.ପ୍ର.) ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ କାର୍ଯ୍ୟକାରୀ ସଂସ୍ଥା 'ସ୍ୱିଡ', ସୋରୋ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ ଆଜି ବାଲେଶ୍ୱରର ପଦ୍ମାବତୀ ଆମ୍ୟୁଜମେ[ ଓ୍ୱାଟର ପାର୍କ ଠାରେ ଅତି ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି ।



ହି ଅବସରରେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ କର୍ତା ଭାବେ କନ୍ୟାଦାନ କରିଥିଲେ । ଓଡ଼ିଶାର ମାନ୍ୟବର ଉପ ମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନବ ଦମ୍ପତି ମାନଙ୍କୁ ଆଶୀର୍ବାଦ କରିଥିଲେ । କାର୍ଯ୍ୟକ୍ରମରେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ଓଡ଼ିଶା ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ଶ୍ରୀମତୀ ସଭନା ମହାନ୍ତି, ଓଡ଼ିଶା ସରକାରୀ ଦଳର ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଦାସ, ମାନ୍ୟବର ସିମୁଳିଆ ବିଧାୟକ ଶ୍ରୀଯୁକ୍ତ ପଦ୍ମ ଲୋଚନ ପଣ୍ଡା, ମାନ୍ୟବର ବସ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା, ମାନ୍ୟବର ଜିଲ୍ଲାପରିଷଦ ସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ପ୍ରତ୍ୟୁଷ ଦିବାକର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ମହାନ୍ତି ଙ୍କ ସହ କାର୍ଯ୍ୟକାରୀ ସଂସ୍ଥା 'ସ୍ୱିଡ୍' ର ସମ୍ପାଦକ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ, ସମାଜ ସେବୀ ଶ୍ରୀମତୀ ଗୋପାମୁଦ୍ରା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସମାଜର ଅନଗ୍ରସର ବର୍ଗର ଲୋକଙ୍କର ବିବାହ ସମ୍ବନ୍ଧୀୟ ଆର୍ଥିକ ବୋଝ ହ୍ରାସ କରିବା ସହିତ ମହିଳାଙ୍କ ସ୍ୱାଭିମାନ ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଏହି ଯୋଜନା ଅତ୍ୟନ୍ତ ଲୋକପ୍ରିୟ ହୋଇଛି । ଏହା ବିଧବା ପୁନର୍ବିବାହକୁ ପ୍ରୋତ୍ସାହନ ଦେବା ସହିତ ଯୌତୁକ ପ୍ରଥା ନିରାକରଣ ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ।ଯୋଜନା ଅନୁସାରେ ଝିଅଙ୍କ ବୟସ ୧୮ ରୁ ୩୫ ବର୍ଷ ଓ ପୁଅଙ୍କ ବୟସ ୨୧ ରୁ ୩୫ ବର୍ଷ ହୋଇଥିବା ପ୍ରାର୍ଥୀମାନେ ଶିଶୁ ସୁରକ୍ଷା ପ୍ରକଳ୍ପ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ । ସେଥିରୁ ୫୬ ଜଣ ବର-କନ୍ୟା ଯୋଡ଼ି ଆଜିର କାର୍ଯ୍ୟକ୍ରମରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି । ଏଥି ମଧ୍ୟରୁ ୫୩ ଯୋଡି ହିନ୍ଦୁ ସମ୍ପ୍ରଦାୟର ହୋଇଥିବା ବେଳେ ୩ ଯୋଡି ମୁସଲିମ ସମ୍ପ୍ରଦାୟର ଥିଲେ । ବର ଓ କନ୍ୟାଙ୍କ ସଜବାଜ ପାଇଁ ଅଲଗା କକ୍ଷ ବ୍ୟବସ୍ଥା କରାଯାଇଥିବା ସହ ଦମ୍ପତିଙ୍କ ସହ ଉଭୟ ପକ୍ଷରୁ ପାଂଚ ପାଂଚ ଜଣଙ୍କ ପାଇଁ ଜଳଖିଆ ଓ ସୁସ୍ୱାଦୁ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରାଯାଇଥିଲା । ଏହା ସହିତ ୧୫ ଜଣ ବ୍ରାହ୍ମଣଙ୍କ ଦ୍ୱାରା ୧୫ ଗୋଟି ବିବାହ ବେଦୀରେ ବିବାହ ରୀତିନୀତି ସମ୍ପନ୍ନ ହୋଇଥିଲା ।

ଏହି ଯୋଜନା ଅନୁସାରେ ପ୍ରତ୍ୟେକ କନ୍ୟାଙ୍କ ବ୍ୟାଙ୍କ ଖାତାରେ ୪୫,୦୦୦ ଟଙ୍କା ଜମା କରାଯିବା ସହିତ ମୋଟ ୬୦,୦୦୦ ଟଙ୍କା ବ୍ୟୟରେ ଏକ ବିବାହ ସମ୍ପନ୍ନ କରାଯାଇଛି ।ଏହି ବିବାହ କାର୍ଯ୍ୟକ୍ରମ ନାରୀ ସଶକ୍ତିକରଣ ଓ ସମାଜିକ ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାରେ ସହାୟକ ହେବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀଯୁକ୍ତ ହେମନ୍ତ କୁମାର ସିଂହ ଏବଂ ଜିଲ୍ଲା ପ୍ରଶାସନର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଏହି କାର୍ଯ୍ୟ କ୍ରମାକୁ ସାଫଲ୍ୟ ମଣ୍ଡିତ କରିବାରେ ସହଯୋଗ କରିଥିଲେ ।

# କବି ଶ୍ରୀ ଜୟଦେବ ଜୟନ୍ତୀ ଉପଲକ୍ଷେ କବିତା ପାଠୋତ୍ସବ ଆୟୋଜିତ

ନୂଆପଡ଼ା(ନିପ୍ର) : ନୂଆପଡାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୁଲ୍ୟରେ କବି ଶ୍ରୀ ଜୟଦେବ ଜୟନ୍ତୀ ଉପଲକ୍ଷେ ସଦରମହକୁମା ସ୍ଥିତ ସଦଭାବନା ସଭାଗୃହରେ ଏକ ଭବ୍ୟ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । କବି ବାସୁଦେବ ସୁନାନୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିବା ବେଳେ ଗୀତାଶ୍ରୀ ପ୍ରିୟମ୍ବଦା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମହାନ କବି ଜୟଦେବଙ୍କ ଜୀବନ ଓ ସାହିତ୍ୟ ସାଧନା ବିଷୟରେ ଉଦ୍‌ବୋଧନ ରଖିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା କବି ଓ କବିତ୍ରୀମାନେ ଜୟଦେବଙ୍କ ସ୍ମୃତିରେ ନିଜନିଜ କବିତା ପାଠ କରି କାର୍ଯ୍ୟକ୍ରମକୁ ସାହିତ୍ୟମୟ କରିଥିଲେ । ଶିକ୍ଷକ ଓ କବି ସୁଶାନ୍ତ କୁମାର ମୁଣ୍ଡ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଜିଲ୍ଲାପାଳ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରତି ଲୋକମାନଙ୍କ ମଧ୍ୟରେ ଥିବା ଆଗ୍ରହକୁ ସ୍ୱାଗତ କରି ସନ୍ତୋଷ ବ୍ୟକ୍ତ କରିଥିଲେ । ସେ ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ବ୍ଲକ ସ୍ତରରେ ମଧ୍ୟ ଆୟୋଜିତ ହେବାକୁ ଆଶା ପ୍ରକାଶ କରିଥିଲେ ।



# ବିଜୁ ପଟ୍ଟନାୟକ ମାର୍ଗରେ ଗୁରୁତ୍ୱପୂର୍ଣ୍ଣ ଭିତିଭୂମି ମରାମତି କାର୍ଯ୍ୟ ଆରମ୍ଭ କଲା ଭିସା ଷ୍ଟିଲ୍

କଳିଙ୍ଗନଗର(ନିପ୍ର): ଶିଳ୍ପ ସୁରକ୍ଷା ଏବଂ ସ୍ଥାନୀୟ ପରିବହନ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ, ଭିସା ଷ୍ଟିଲ୍ ପକ୍ଷରୁ ବିଜୁ ପଟ୍ଟନାୟକ ମାର୍ଗ, ବିଶେଷ କରି ଔଡ-୧୮ ରେଲୱେ କ୍ରସିଂ ନିକଟସ୍ଥ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି । ରେଲୱେ କ୍ରସିଂଠାରେ ସଙ୍କଟାପନ୍ନ ଅବସ୍ଥା ଗତ କିଛି ମାସ ହେବ ବିଜୁ ପଟ୍ଟନାୟକ ମାର୍ଗରେ ଥିବା ଏହି ରେଲୱେ କ୍ରସିଂ ଅତି ଶୋଚନୀୟ ଅବସ୍ଥାରେ ରହିଥିଲା । କଳିଙ୍ଗ ନଗର ଶିଳ୍ପାଂଚଳର ଏକ ପ୍ରମୁଖ ଧମନୀ ଭାବେ ପରିଚିତ ଏହି ରାସ୍ତା ଦେଇ ଦିନରାତି ଶତାଧିକ ଶିଳ୍ପ ଭିତିକ ଭାରୀଯାନ କଂଚାମାଲ ଏବଂ ପ୍ରସ୍ତୁତ ସାମଗ୍ରୀ ନେଇ ଯାତାୟାତ କରିଥାଏ । ପୂର୍ତ ବିଭାଗ (ଚଡଡ) ପକ୍ଷରୁ ମରାମତି କାର୍ଯ୍ୟରେ ବିଳମ୍ବ ଏବଂ ଅତ୍ୟଧିକ ଭାରୀଯାନ ଚଳାଚଳ ଯୋଗୁଁ ଏହି ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । ମୁଖ୍ୟ ସମସ୍ୟାଗୁଡ଼ିକ: ସୁରକ୍ଷା ବିପଦ: ଭାରୀଯାନ ଏବଂ ସାଧାରଣ ପଥଚାରୀଙ୍କ ପାଇଁ ନିୟମିତ ଦୁର୍ଘଟଣାର କାରଣ ସାଜିଥିଲା । ଟ୍ରାଫିକ୍ ଜାମ୍: ପ୍ରବଳ ଯାନବାହନ ଭିଡ଼ ଯୋଗୁଁ ଶିଳ୍ପ ଉତ୍ପାଦନ ଏବଂ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଥିଲା । ଭିତିଭୂମିର ଅବକ୍ଷୟ: ରାସ୍ତାର ଅବସ୍ଥା ଖରାପ ଥିବାରୁ ଯାନବାହନ ଗୁଡ଼ିକ ମଧ୍ୟ ବାରମ୍ବାର ନଷ୍ଟ ହେଉଥିଲା । ଜନସାଧାରଣଙ୍କ ସୁରକ୍ଷା ପାଇଁ କର୍ପୋରେଟ୍ ହସ୍ତକ୍ଷେପ ବଢୁଥିବା ଦୁର୍ଘଟଣା ଏବଂ ସରକାରୀ ମରାମତି କାର୍ଯ୍ୟରେ ମନ୍ଥରତାକୁ ଦୃଷ୍ଟିରେ ରଖି, ଭିସା ଷ୍ଟିଲ୍ ପକ୍ଷରୁ କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳଙ୍କ ସହିତ ଯୋଗାଯୋଗ କରାଯାଇ ନିଜସ୍ୱ ଉଦ୍ୟମରେ ରାସ୍ତା ମରାମତି ପାଇଁ ଅନୁମତି ଲୋଡ଼ାଯାଇଥିଲା । ଆବଶ୍ୟକୀୟ ଅନୁମତି ପାଇବା ପରେ, ଭିସା ଷ୍ଟିଲ୍ ପକ୍ଷରୁ ରେଲୱେ କ୍ରସିଂ ଠାରୁ ବିଭିନ୍ନ ଶିଳ୍ପାନୁଷ୍ଠାନକୁ ସଂଯୋଗ କରୁଥିବା ଟର୍ନିଂ ପଏଂଟ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ କରାଯାଇଛି । 'ଶ୍ରମିକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଜରୁରୀ ଥିଲା । ଆମେ ନଷ୍ଟ ହୋଇଯାଇଥିବା ପିଚୁ ରାସ୍ତା ବଦଳରେ ଏକ ମଜବୁତ କଂକ୍ରିଟ୍ ରାସ୍ତା ନିର୍ମାଣ କରୁଛୁ, ଯାହା ଶିଳ୍ପ ଭିତିକ ଭାରୀଯାନର ଓଜନକୁ ଦୀର୍ଘ ବର୍ଷ ଧରି ସହିପାରିବ ।' 'ଭିସା ଷ୍ଟିଲ୍ ପ୍ରତିନିଧି' ଜନସାଧାରଣଙ୍କ ମଧ୍ୟରେ ସନ୍ତୋଷ ଏହି ସ୍ଥାୟୀ କଂକ୍ରିଟ୍ ରାସ୍ତା ନିର୍ମାଣ ହେବା ଫଳରେ ବାରମ୍ବାର ହେଉଥିବା ରାସ୍ତା ମରାମତି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି । ଏହି ଖବର ପ୍ରସାରିତ ହେବା ପରେ ନିମ୍ନଲିଖିତ ବର୍ଗର ଲୋକଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି: ସ୍ଥାନୀୟ ବାସିନ୍ଦା: ଯେଉଁମାନେ ଦୀର୍ଘ ଦିନ ଧରି ଧୂଳି ଏବଂ ଦୁର୍ଘଟଣା ଭୟରେ ରହୁଥିଲେ । ନିୟମିତ ଯାତ୍ରୀ: ଯେଉଁମାନେ ପ୍ରତିଦିନ ଟ୍ରାଫିକ୍ ଜାମ୍‌ର ସମ୍ମୁଖୀନ ହେଉଥିଲେ । ଶିଳ୍ପ ଶ୍ରମିକ: ଯେଉଁମାନେ କାରଖାନାକୁ ଯିବା ପାଇଁ ଏହି ମୁଖ୍ୟ ରାସ୍ତା ଉପରେ ନିର୍ଭର କରନ୍ତି । ଏହି ମରାମତି କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କଳିଙ୍ଗ ନଗରର ଏହି ବ୍ୟସ୍ତବହୁଳ ଅଂଚଳରେ ଯାନବାହନ ଚଳାଚଳ ସ୍ୱାଭାବିକ ହେବା ସହ ଜନସାଧାରଣ 'ଆଶ୍ୱସ୍ତିର ନିଶ୍ୱାସ' ମାରିବେ ।

# ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ

ଧାମନଗର(ନିପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ କାଳୀ ପଡ଼ିଆଠାରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ସଂସ୍କରଣ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ହୋଇଯାଇଛି । ଶୁକ୍ରବାର ଅନୁଷ୍ଠିତ ଏହି ଫାଇନାଲ ମ୍ୟାଚରେ ଆଗରପଡ଼ାର କେସିଭିଏମ୍ ସ୍କୁଲ ବିଜୟୀ ହୋଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଟୁର୍ଣ୍ଣାମେଂଟର ଶେଷ ତଥା ନିର୍ଣ୍ଣାୟକ ମ୍ୟାଚ ଆଗରପଡ଼ା କେସିଭିଏମ୍ ସ୍କୁଲ ଏବଂ ଚାନ୍ଦବାଲି ଏନ୍‌ଏସି ମଧ୍ୟରେ ଖେଳା ଯାଇଥିଲା । ଖେଳର ପ୍ରଥମାର୍ଦ୍ଧରୁ ହିଁ ଉଭୟ ଦଳ ପରସ୍ପରକୁ କଡ଼ା ଟକ୍କର ଦେଇଥିଲେ । ତେବେ କେସିଭିଏମ୍ ସ୍କୁଲର ଖେଳାଳି ମାନେ ଉନ୍ନତ ପ୍ରଦର୍ଶନ କରି ପ୍ରତିପକ୍ଷ ଚାନ୍ଦବାଲି ଦଳକୁ ୧-୦ ଗୋଲରେ ପରାସ୍ତ କରିଥିଲେ । ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଚାନ୍ଦବାଲି ଏନ୍‌ଏସି ଗୋଲ ପରିଶୋଧ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ସମ୍ମାନିତ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟ, ଜିଲ୍ଲା କ୍ରୀଡା ଅଧିକାରୀ ଦେବବ୍ରତ ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଧାମନଗର ବ୍ଲକ ପ୍ରତିନିଧି ଅଶୋକ ପୁହାଣ, ଧାମନଗର ବିଡିଓ ବନବିହାରୀ ଦିଣ୍ଡା, ଏନଏସି ଅଧିକାରି ସନ୍ତୋଷ ନାୟକ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଟ୍ରଫି ର ଉଦ୍ଦେଶ୍ୟ ସମ୍ପର୍କରେ ଖେଳାଳିଙ୍କୁ କହିଥିଲେ । ପରେ ବିଜୟୀ କେସିଭିଏମ ସ୍କୁଲକୁ ଚାମ୍ପିଅନ ଟ୍ରଫି ଏବଂ ରନର୍ସ ଅପ୍ ଚାନ୍ଦବାଲି ଏନ୍‌ଏସି ଦଳକୁ ରନର୍ସ ଅପ୍ କପ୍ ପ୍ରଦାନ କରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ମ୍ୟାଚକୁ ଅଭିଜ୍ଞ




ରେଫରୀ ସେକ୍ ରିଆଜ କାଦ୍ରି, ସୁଶାନ୍ତ କୁମାର ବିଶ୍ୱାଳ, ମହମ୍ମଦ ଆଝାର ଏବଂ ସେକ ସଲିମ ପରିଚାଳନା କରିଥିଲେ । ତେବେ ଏହିଖେଳ ପ୍ରଚାର ପ୍ରସାର ନହେବାରୁ କ୍ରୀଡ଼ାପ୍ରେମୀ ମାନେ ପଡ଼ିଆରେ ପହଂଚି ନଥିଲେ । ଏହା ଏକ ଜିଲ୍ଲା ସ୍ତରୀୟ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ ଏହା ଯେମିତି ପଂଚାୟତ କ୍ରୀଡା ଭଳି ମନେ ହେଉଥିଲା । ମଂଚରେ ଅତିଥି ଥିବା ବେଳେ ନିଜର ଭାଷଣ ପାଇଁ ମଂଚ ତଳକୁ ଆସିବାକୁ ପଡିଥିଲା କାରଣ ଆୟୋଜକ ଯେଉଁ ସାଉଣ୍ଡ ବେବସ୍ଥା କରିଥିଲେ ତାହା ଉକ୍ତ ଖେଳ ହେଉ କିମ୍ବା ଅତିଥିଙ୍କୁ ବଦ ନାମ କରିବାକୁ ବାରମ୍ବାର ସାଉଣ୍ଡ ଖରାପ ହୋଇ ଥିଲା ବାଧ ହୋଇ ଅତିଥି ଆସି ତଳେ ଭାଷଣ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମ ଜିଲ୍ଲାସ୍ତରୀୟ ଓ ସରକାରୀ କାର୍ଯ୍ୟକ୍ରମ ହୋଇ ଥିବା ବେଳେ ସ୍ଥାନୀୟ ସାମ୍ବାଦିକଙ୍କୁ ସୂଚନା ଦିଆ ଯାଇନଥିଲା । ତେବେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ଭଦ୍ରକ ଜିଲ୍ଲା ସୂଚନା ଅଧିକାରୀ ଦିନ ୨ ବେଳେ ସାମ୍ବାଦିକଙ୍କୁ ସୁଚନା ଦେଇ ଥିଲେ ।

## ଦ.ପୂ. ରେଳପଥ-ନିଲାମ

ଟେଣ୍ଡର ନୋଟିସ୍ ନମ୍ବର: ଏସ୍‌ଟି-ଓଟି-ସ୍ଥାନାନ୍ତରିତ-ଭିଏଚ୍‌ଏଫ୍-କେଜିପି, ତାରିଖ: ୨୦.୦୪.୨୦୨୬ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ସିନିୟର ଡିଏସ୍‌ଟିଇ (କୋ)/ଦକ୍ଷିଣ ପୂର୍ବ ରେଳବାଇ, ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଉଲ୍ଲେଖିତ ତାରିଖରେ ୧୨.୦୦ ଘଂଟା ପୂର୍ବରୁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛି ଏବଂ ଏହା ୧୨.୩୦ ଘଂଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: ଖଡ଼ଗପୁର ଡିଭିଜନରେ ୨୫ ଓ୍ୱାଟ୍ ଭିଏଚ୍‌ଏଫ୍ ସେଟ୍ ପାଇଁ ୫ଓ୍ୱାଟ୍ ଓ୍ୱାକି ଟକି, ବ୍ୟାଟେରୀ ଏବଂ ସର୍ଜ ଆମେଷ୍ଟରର ବ୍ୟାଟେରୀ, ଆଂଟେନା ଇତ୍ୟାଦି ବଦଳାଯିବାର ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ**: ଟ.୫୯,୩୬,୭୩୪ । **ଆୟକର ଜମା**: ଟ.୧,୧୮,୭୦୦, **ଟେଣ୍ଡର ଡକ୍ୟୁମେଂଟର ମୂଲ୍ୟ**: କୌଣସି ନାହିଁ । **ଖୋଲିବାର ତାରିଖ**: ତା୧୪.୦୫.୨୦୨୬ । **ସମାପ୍ତି ଅବଧି**: ୦୬ ମାସ । **ଦାଖଲ ତାରିଖ**: ୧୨.୦୦ ଘଂଟା ପର୍ଯ୍ୟନ୍ତ । **ଟ.୧୪.୦୫.୨୦୨୬** ତାରିଖ । ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ନିର୍ଦ୍ଦିଷ୍ଟକରଣ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି ପରିସ୍ଥିତିରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ ।
(PR-73)

# ଜୁନ୍ ୨୯ ମହାପ୍ରଭୁଙ୍କ ସ୍ନାନ ଯାତ୍ରା : ଗଜାନନ ବେଶରେ ଦର୍ଶନ ଦେବେ ଦାରୁବ୍ରହ୍ମ



ପୁରୀ : ଆସନ୍ତା ଜୁନ ୨୯ ତାରିଖ ସୋମବାର ଦେବସ୍ନାନ ପୂର୍ଣ୍ଣିମା । ସ୍ନାନବେଦୀରେ ଶ୍ରୀଅଙ୍ଗେ ୧୦୮ ଗରା ଜଳ ଲାଗି ପରେ ହାତୀ (ଗଜାନନ) ବେଶରେ ଉଭା ହେବେ ଦାରୁବ୍ରହ୍ମ । ଏଣୁ ଅକ୍ଷୟ ତୃତୀୟାରେ ଅନୁକୂଳ କରାଯାଇ ହାତୀ ବେଶ ପ୍ରସ୍ତୁତି ଆରମ୍ଭ ହୋଇଛି । ରାଘବ ଦାସ ଓ ଗୋପାଳ ତୀର୍ଥ ମଠରେ ପାରମ୍ପରିକ ଭାବେ ସମସ୍ତ ବେଶ ସାମଗ୍ରୀ ରଖି ପୂଜାର୍ଚ୍ଚନା କରାଯାଇଛି । ଦୟଣାମାଳି ସେବକ ବସନ୍ତ କୁମାର ରଣାଙ୍କ ତତ୍ୱାବଧାନରେ ଶୁଦ୍ଧପୂତ ଭାବେ ରହି କାରିଗରମାନେ ବେଶ ତିଆରି ଆରମ୍ଭ କରିଛନ୍ତି । ଶ୍ରୀ ରଣା କୁହନ୍ତି, ପରମ୍ପରା ଅନୁସାରେ ବାଲିସାହିସ୍ଥିତ ଗୋପାଳତୀର୍ଥ ମଠ ବଡ଼ଠାକୁର ଶ୍ରୀବଳଭଦ୍ର, ଶ୍ରୀସୁଦର୍ଶନଙ୍କ ବେଶ ଓ ରାଘବ ଦାସ ମଠ ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ମା'ସୁଭଦ୍ରାଙ୍କର ବେଶ ଯୋଗାନ୍ତି । ଆଜି ଉଭୟ ମଠର ଆରାଧ୍ୟ ଦେବଦେବୀଙ୍କ ସମ୍ମୁଖରେ ସମସ୍ତ ବେଶ ସାମଗ୍ରୀ ରଖି ପୂଜା କରାଯାଇଥିଲା । କାରିଗରମାନେ ସଂକଳ୍ପ କରିଥିଲେ । ସୋଲ, ପଟ, ଛୁରି, କଇଁଚି, ଲାଲ୍ କନା, ଛୁଂଚି ଆଦି ବେଶ ସାମଗ୍ରୀ ପୂଜାରେ ବସିଥିଲା । ବ୍ରାହ୍ମଣ ପୂଜା କରିବା ପରେ କାରିଗରମାନେ ପୁଷ୍ପାଞ୍ଜଳି ଦେଇ ଠାକୁରଙ୍କ ବେଶ କାମର ଶୁଭାରମ୍ଭ ହୋଇଥିଲା । ବେଶ କାରିଗର ସତ୍ୟ ନାରାୟଣ ବେହେରା, ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଦର୍ଜୀ ସେବକ ଲୋକନାଥ ମହାପାତ୍ର ଓ କୃଷ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରୀ ରଣାଙ୍କ ମତରେ ଠାକୁରଙ୍କ ହାତୀ ବେଶ ନିର୍ମାଣ ଶୈଳୀ ସବୁ ବିଧି ନିର୍ଦ୍ଦିଷ୍ଟ । ପ୍ରତିବର୍ଷ ଏହି ବେଶର ମାପ ସମାନ । ବାଉଁଶ, ବେତ, କନା, ସୋଲ, ଜରି, କଦଳୀ ପଟୁକା, ଜମୁରା, ଲେସ୍ ଓ କଇଁଥ ଅଠା ଆଦି ବ୍ୟବହାର କରାଯାଇ ପାରମ୍ପରିକ ପଦ୍ଧତିରେ ବେଶ ତିଆରି ହେବ । ଦେବସ୍ନାନ ପୂର୍ଣ୍ଣମୀରେ ବେଶ ସଂସ୍କାର ହୋଇ ପଣା ଭୋଗ ଅର୍ପଣ ହେବ ।

# ଏପ୍ରିଲ ୨୭ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

ଭୁବନେଶ୍ୱର : ଆସନ୍ତା ସୋମବାର ଏପ୍ରିଲ ୨୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ସୋମବାର ସକାଳ ୭ ଘଟିକାରୁ ମଧ୍ୟାହ୍ନ ୧୨.୦୦ ପର୍ଯ୍ୟନ୍ତ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ (କ୍ୟାପିଟାଲ ନର୍ସରୀ ନିକଟସ୍ଥ) ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ । ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଏପ୍ରିଲ ୨୨ ତାରିଖ ବୁଧବାର ଦିବା ୧୧ଘଟିକା ଠାରୁ ଆରମ୍ଭ ହେବ । ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ । ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ ।








# ଦେଶସେବା ହିଁ ବିକଶିତ ଭାରତର ମୂଳଦୁଆ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିଭିଲ ସେବା ଦିବସରେ ଦେଶର ସିଭିଲ ସେବକମାନଙ୍କୁ ସମ୍ବୋଧନ କରି କହିଛନ୍ତି ଯେ 'ବିକଶିତ ଭାରତ' ପାଇଁ ରାଷ୍ଟ୍ରସେବା ଏକ ମଜବୁତ ଭିତି । ସେ କହିଛନ୍ତି ଯେ ଶେଷ ଧାଡିରେ ଥିବା ବ୍ୟକ୍ତି ପର୍ଯ୍ୟନ୍ତ ଉନ୍ନତି ପହଂଚାଇବା ହିଁ ଏକ ସଶକ୍ତ, ସମୃଦ୍ଧ ଏବଂ ସମ୍ବେଦନଶୀଳ ଭାରତ ଗଠନର ଆଧାର ।

ମଙ୍ଗଳବାର ଦିନ ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ତାଙ୍କ ବାର୍ତାରେ ଏକ ସୁଭାଷିତ ସେୟାର କରି ସିଭିଲ ସେବକମାନଙ୍କୁ ତାଙ୍କ କର୍ତବ୍ୟ ଓ ମୂଲ୍ୟବୋଧର ସ୍ମରଣ କରାଇଛନ୍ତି । ସେ ଲେଖିଛନ୍ତି, "ଶୀଳଂ ପରହିତାସକ୍ତିଃ ଅନୁତ୍ସେକଃ କ୍ଷମା ଧୃତିଃ । ଅଲୋଭଶ୍ଚେତି ବିଦ୍ୟାୟାଃ ପରିପାକୋଂଚଳଂ ଫଳମ୍" ଏହି ସୁଭାଷିତର ଅର୍ଥ ହେଉଛି ଯେ ସତ୍ୟ ବିଦ୍ୟାର ପକ୍ୱା ଫଳ ହେଉଛି ଭଲ ଚରିତ୍ର, ପରହିତ ଭାବନା, ଅହଂକାରର ଅଭାବ, କ୍ଷମା, ଧୈର୍ଯ୍ୟ ଓ ଲୋଭରୁ ଦୂର ରହିବା । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏହି ଗୁଣଗୁଡ଼ିକ ହିଁ ଏକ ଆଦର୍ଶ ସିଭିଲ ସେବକଙ୍କ ପରିଚୟ ଓ ଏହି ମୂଲ୍ୟବୋଧର ଆଧାରରେ ଦେଶକୁ ଆଗକୁ ବଢ଼ାଯାଇପାରିବ । ସେ ସମସ୍ତ ସିଭିଲ ସେବକଙ୍କୁ ଆହ୍ୱାନ କରିଛନ୍ତି ଯେ ସେମାନେ ଜନସେବାକୁ ସର୍ବୋପରି ରଖି ପ୍ରତ୍ୟେକ ନାଗରିକ ପର୍ଯ୍ୟନ୍ତ ଉନ୍ନତିର ଲାଭ ପହଂଚାଇବାର ସଂକଳ୍ପକୁ ଦୋହରାନ୍ତୁ । ସେ କହିଛନ୍ତି ଯେ ସିଭିଲ ସେବା ଦିବସ ସୁଶାସନ ଓ ରାଷ୍ଟ୍ର ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ଆଉ ମଜବୁତ କରିବାର ଅବସର । ସିଭିଲ ସେବକମାନଙ୍କ ଅବଦାନକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜମିସ୍ତରରୁ ନୀତି ଗଠନ ପର୍ଯ୍ୟନ୍ତ ସେମାନଙ୍କ ଉଦ୍ୟମ ଅନେକ ଲୋକଙ୍କ ଜୀବନକୁ ପ୍ରଭାବିତ କରେ ଓ ଭାରତର ପ୍ରଗତିରେ ମୁଖ୍ୟ ଭୂମିକା ନିଭାଏ । ସେ କହିଛନ୍ତି ଯେ ଦେଶର ସିଭିଲ ସେବକମାନେ କର୍ତବ୍ୟର ସର୍ବୋଚ୍ଚ ମାନକୁ ରକ୍ଷା କରି ଉତ୍କୃଷ୍ଟତା, କରୁଣା ଓ ନବୀନତା ସହିତ ସେବା କରି ଚାଲିବେ ।

# ଦାର୍ଜିଲିଂ କାର୍ସିୟାଙ୍ଗରେ ଜନସଭାକୁ ସମ୍ବୋଧିତ କଲେ ଅମିତ ଶାହା



କୋଲକାତା : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ-୨୦୨୬ ର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରଚାରର ଶେଷ ଦିନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ମଙ୍ଗଳବାର ଦିନ ଦାର୍ଜିଲିଂର କାର୍ସିୟାଙ୍ଗରେ ଏକ ଜନସଭାକୁ ସମ୍ବୋଧିତ କରି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । ସେ ଗୋର୍ଖା ସମ୍ପ୍ରଦାୟର ସମସ୍ୟା, ମହିଳାଙ୍କ ସୁରକ୍ଷା, ଅନୁପ୍ରବେଶ ବନ୍ଦ କରିବା ଏବଂ ଉତର ବଙ୍ଗର ବିକାଶ ବିଷୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ । ଅମିତ ଶାହା ଦାବି କରିଛନ୍ତି ଯେ, ଏଥର ରାଜ୍ୟରେ ଭାରତୀୟ ଜନତା ପାର୍ଟି ସରକାର ଗଠନ କରିବାକୁ ଯାଉଛି ଏବଂ ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ସରକାରର ବିଦାୟ ସ୍ଥିର ହୋଇଛି । ସେ କହିଥିଲେ ଯେ, ଲୋକମାନେ ପରିବର୍ତନ ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଆଗାମୀ ନିର୍ବାଚନ ରାଜ୍ୟର ଗତିପଥ ନିର୍ଦ୍ଧାରଣ କରିବ । ଗୋର୍ଖା ସମ୍ପ୍ରଦାୟକୁ ଆଶ୍ୱାସନା:- କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ଯେ ଯଦି ବିଜେପି ସରକାର ଗଠନ କରେ ତେବେ ଗୋର୍ଖା ସମ୍ପ୍ରଦାୟର ଦୀର୍ଘ ଦିନ ଧରି ପଡ଼ି ରହିଥିବା ସମସ୍ୟାର ସମାଧାନ ହେବ । ସେ ଏହା ମଧ୍ୟ ଦାବି କରିଥିଲେ ଯେ, ଖୁବ୍ ଶୀଘ୍ର ଏପରି ଏକ ସମାଧାନ ବାହାରିବ ଯାହା ଗୋର୍ଖା ସମ୍ପ୍ରଦାୟକୁ ସନ୍ତୁଷ୍ଟ କରିବ ଏବଂ ସେମାନଙ୍କ ଅଧିକାରର ସୁରକ୍ଷା ସୁନିଶ୍ଚିତ କରିବ । ସେ ଅଭିଯୋଗ କରିଛନ୍ତି ଯେ, କଂଗ୍ରେସ ଏବଂ ତୃଣମୂଳ କଂଗ୍ରେସ ବର୍ଷ ବର୍ଷ ଧରି ଦାର୍ଜିଲିଂ ଏବଂ ଗୋର୍ଖା ସମାଜକୁ ନ୍ୟାୟ ଦେଇନଥିଲେ, ଯେଉଁଥିପାଇଁ ଏହି ଅଂଚଳ ବିକାଶରୁ ବଂଚିତ ହୋଇଥିଲା ।

# ଭୟ ଓ ଦୁର୍ନୀତିର ରାଜନୀତିକୁ ପ୍ରତ୍ୟାଖ୍ୟାନ କରିବେ ପଶ୍ଚିମବଙ୍ଗର ଜନତା : କେନ୍ଦ୍ର ଶିକ୍ଷାମନ୍ତ୍ରୀ



କୋଲକାତା/ଭୁବନେଶ୍ୱର : ପଶ୍ଚିମବଙ୍ଗ ପରିବର୍ତନ ମୁହାଁ । ବଙ୍ଗଳାର ଜନସାଧାରଣ ଏଥର ଭୟ, ଭ୍ରଷ୍ଟାଚାର ଏବଂ ବିଭାଜନର ରାଜନୀତିକୁ ଶେଷ କରି ବିକାଶ ଓ ସ୍ୱାଭିମାନର ସରକାର ଗଢ଼ିବାକୁ ନିଷ୍ପତି ନେଇସାରିଛନ୍ତି ବୋଲି ଆଜି ବରନଗର ଓ ତାଲଡାଙ୍ଗରା ବିଧାନସଭା ନିର୍ବାଚନମଣ୍ଡଳୀରେ ରୋଡ୍-ସୋ' ଏବଂ ଶୋଭାଯାତ୍ରାରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ । ପଶ୍ଚିମବଙ୍ଗ ଗସ୍ତରେ ଥିବା ଶ୍ରୀ ପ୍ରଧାନ ଶ୍ରୀ ସଜଲ ଘୋଷଙ୍କ ସମର୍ଥନରେ ଆୟୋଜିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଜନସ୍ରୋତ ବଙ୍ଗଳାରେ ପରିବର୍ତନର ସ୍ପଷ୍ଟ ସଙ୍କେତ ସେ କହିଥିଲେ । ଶ୍ରୀ ପ୍ରଧାନ କହିଛନ୍ତି ଯେ, ଟିଏମସି ଯେତେ ଚେଷ୍ଟା କଲେ ମଧ୍ୟ ବିଜେପିର ସଂକଳ୍ପକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରିପାରିବ ନାହିଁ । ମମତା ଦିଦିଙ୍କ ଡରାଇବା ଓ ଧମକାଇବା ରାଜନୀତି ଏବେ ବିଫଳ ହେବାକୁ ଯାଉଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀ ଏବଂ ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହ ଜୀ ପଶ୍ଚିମବଙ୍ଗର ସୁରକ୍ଷା, ସୁଯୋଗ ଏବଂ ସାମଗ୍ରିକ ବିକାଶ ପାଇଁ ସଂକଳ୍ପବଦ୍ଧ । ବଙ୍ଗଳାର ହଜିଯାଇଥିବା ଗୌରବକୁ ଫେରାଇ ଆଣିବା ଏବଂ ଏକ ଆତ୍ମନିର୍ଭରଶୀଳ ରାଜ୍ୟ ଗଠନ କରିବା ପାଇଁ ବିଜେପି ପ୍ରତି ଜନସାଧାରଣଙ୍କ ଭରସା ବଢ଼ିବାରେ ଲାଗିଛି । ପଶ୍ଚିମବଙ୍ଗର ଯୁବପିଢ଼ି ଆଜି ରୋଜଗାର ଏବଂ ଭଲ ସୁଯୋଗ ପାଇବା ପାଇଁ ଇଚ୍ଛୁକ । ବିଜେପିର ସଂକଳ୍ପ ପତ୍ରରେ ଥିବା ଷ୍ଟାର୍ଟଅପ୍ ପ୍ରୋତ୍ସାହନ ଓ ନିଯୁକ୍ତି ସୁଯୋଗ ଏହି ଆଶାକୁ ପୂରଣ କରିବା ପାଇଁ ଏକମାତ୍ର ମାର୍ଗ । ଯେଉଁ ଭୟ ଓ ଘୃଣାର ରାଜନୀତି ପାଇଁ ବେଙ୍ଗଲବାସୀ ଦିନେ ବାମପନ୍ଥୀଙ୍କୁ ପ୍ରତ୍ୟାଖ୍ୟାନ କରିଥିଲେ, ଆଜି ସମାନ କାରଣ ପାଇଁ ଟିଏମସିକୁ ମଧ୍ୟ ବିଦା କରିବାକୁ ମନସ୍ଥ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ଆଜି ବରନଗର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ଦର୍ଶନ କରିବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଛନ୍ତି । ଗତକାଲି ବାଙ୍କୁଡ଼ା ଜିଲ୍ଲାର ତାଲଡାଙ୍ଗରା ଠାରେ ବିଜେପି ପ୍ରାର୍ଥୀ ସୌଭିକ ପାତ୍ରଙ୍କ ସମର୍ଥନରେ ଆୟୋଜିତ ରୋଡ୍-ସୋ'ରେ ମଧ୍ୟ ଶ୍ରୀ ପ୍ରଧାନ ସାମିଲ ହୋଇଥିଲେ ।

# ପୁରୀଠାରେ ବାଚସ୍ପତି ସମ୍ମିଳନୀ ଅନୁଷ୍ଠିତ

## ସମ୍ବିଧାନ ବିଶେଷଜ୍ଞ ତଥା ଆଇନ ବିଶାରଦଙ୍କୁ ନେଇ ଦଳବଦଳ ଆଇନ ଉପରେ ତର୍ଜମା ଜରୁରୀ : ବାଚସ୍ପତି ସୁରମା ପାଢ଼ୀ




ଭୁବନେଶ୍ୱର : ଭାରତୀୟ ସମ୍ବିଧାନର ଦଶମ ଅନୁସୂଚୀ ଅନୁଯାୟୀ ବିଧାନସଭା ଅଧ୍ୟକ୍ଷଙ୍କ କ୍ଷମତା ଓ ଦାୟିତ୍ୱର ସମୀକ୍ଷା ପାଇଁ ପୁରୀଠାରେ "ବାଚସ୍ପତି କମିଟି ସମ୍ମିଳନୀ" ଅନୁଷ୍ଠିତ ହୋଇଯାଇଛି । ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ଶ୍ରୀ ରାହୁଲ ସୁରେଶ ନରୱେକରଙ୍କ ଅଧ୍ୟକ୍ଷତାରେ ଏବଂ ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ବୈଠକରେ କର୍ଣ୍ଣାଟକର ବାଚସ୍ପତି ଶ୍ରୀ ୟୁ.ଟି. ଖାଦିର ଫରିଦ୍, ନାଗାଲାଣ୍ଡର ବାଚସ୍ପତି ଶ୍ରୀ ସାରିଙ୍ଗେନ୍ ଲଙ୍ଗକୁମେର ଯୋଗ ଦେଇଥିଲେ । ଏହି ଅବସରରେ ଅଧ୍ୟକ୍ଷତା କରି ବାଚସ୍ପତି ଶ୍ରୀ ନରୱେକର ସମ୍ମିଳନୀର ଆଭିମୁଖ୍ୟ ସମ୍ପର୍କରେ ବିଷଦ ଭାବେ ବ୍ୟାଖ୍ୟା କରିବା ସହ ଏହାର ପ୍ରଭାବ ଓ ଭବିଷ୍ୟତର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ନିଜର ମତ ଉପସ୍ଥାପନ କରି ଓଡ଼ିଶାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଲେ ଯେ ସମ୍ବିଧାନ ବିଶେଷଜ୍ଞ ତଥା ଆଇନର ବିଷାରଦମାନଙ୍କୁ ନେଇ କମିଟି ଗଠନ କରାଯାଇ ଏସବୁ ଆହ୍ୱାନର ମୁକାବିଲା ଦିଗରେ ସୁଚିନ୍ତିତ ପରାମର୍ଶ ଓ ପଦକ୍ଷେପ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରିବା ଉଚିତ ଓ ଆଗାମୀ ଦିନରେ ଏହାକୁ କିପରି ଗଣତାନ୍ତ୍ରିକ ପରମ୍ପରାରେ ସୁରକ୍ଷିତ ରଖାଯାଇ ପାରିବ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ସମ୍ବିଧାନ ବିଶେଷଜ୍ଞ ତଥା ମହାରାଷ୍ଟ୍ରର ପୂର୍ବତନ ମହାଧିବକ୍ତା ଶ୍ରୀହରି ଜୀ ଆନେ ଏବଂ ଓଡ଼ିଶାର ମହାଧିବକ୍ତା ଶ୍ରୀ ପୀତାମ୍ବର ଆଚାର୍ଯ୍ୟ ସମ୍ବିଧାନର ୧୦ମ ଅନୁସୂଚୀ ଅନୁଯାୟୀ ଦଳବଦଳ ନିୟମକୁ କିପରି କଠୋର ଭାବରେ ଲାଗୁ କରାଯାଇ ପାରିବ ଏବଂ ଏହାର ଭବିଷ୍ୟତର ରୂପରେଖ କିଭଳି ଭାବରେ ଜନସାଧାରଣଙ୍କର ଆସ୍ଥା ଓ ଜନପ୍ରତିନିଧିମାନଙ୍କର ଭୂମିକାକୁ ନିର୍ଣ୍ଣିତ କରିବ ସେ ସମ୍ପର୍କରେ ଆଇନଗତ ତର୍ଜମା କରିଥିଲେ ।

# ଓଡ଼ିଶାରେ ସ୍ୱାଭାବିକ ଓ ସ୍ଥିର ରହିଛି ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଯୋଗାଣ



ଭୁବନେଶ୍ୱର : ବର୍ତମାନ ବିଶ୍ୱ ଶକ୍ତି ବଜାରକୁ ପ୍ରଭାବିତ କରୁଥିବା ଭୌଗୋଳିକ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ପୁନର୍ବାର ନିର୍ଣ୍ଣିତ କରିଛି ଯେ, ସାରା ଓଡ଼ିଶାରେ ଏଲପିଜି, ପେଟ୍ରୋଲ ଓ ଡିଜେଲର ଯୋଗାଣ ସ୍ୱାଭାବିକ ଓ ସ୍ଥିର ରହିଛି । ସମଗ୍ର ରାଜ୍ୟରେ ଅତ୍ୟାବଶ୍ୟକ ଇନ୍ଧନର ଅବିରତ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଇଛି । ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ ସୂଚନା ଦେଇଛି ଯେ, ତାଙ୍କର ବ୍ୟାପକ ବିତରକ ନେଟୱାର୍କ ମାଧ୍ୟମରେ ଘରୋଇ ଏଲପିଜି ଯୋଗାଣ ସୁରୁଖୁରୁରେ ଚାଲିଛି, ଏଥିରେ ପେଟ୍ରୋଲ ଓ ଡିଜେଲ ଓଡିଶାର ସମସ୍ତ ଖୁଚୁରା ଦୋକାନ ମାଧ୍ୟମରେ ନିର୍ବିଘ୍ନ ଭାବେ ଯୋଗାଇ ଦିଆଯାଉଛି । ଯୋଗାଣ ସ୍ଥାନରୁ ବିତରକ ଓ ଖୁଚୁରା ଦୋକାନକୁ ପେଟ୍ରୋଲିୟମ ଉତ୍ପାଦର ପରିବହନ ବିନା ବାଧାବିଘ୍ନରେ ଜାରି ରହିଛି ଏବଂ ସାମଗ୍ରିକ ଯୋଗାଣ ଶୃଙ୍ଖଳ ପୂର୍ଣ୍ଣ କ୍ଷମତାର ସହିତ କାର୍ଯ୍ୟ କରୁଛି । ସମଗ୍ର ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣରେ ଏଲପିଜି ମହଜୁଦ ରହିଛି । ବର୍ତମାନର ବିତରଣ ବ୍ୟାକଲଗ୍ ପ୍ରାୟ ୫-୬ ଦିନ ରହିଛି, ଯାହା ନିୟନ୍ତ୍ରଣଯୋଗ୍ୟ ସୀମା ଭିତରେ ଅଛି । ଯେକୌଣସି କୃତ୍ରିମ ଅଭାବକୁ ରୋକିବା ପାଇଁ ପଦକ୍ଷେପ ନିଆଯାଇଛି, ଡିଜିଟାଲ୍ ବୁକିଂ ସିଷ୍ଟମର ବ୍ୟାପକ ପରିଚାଳନା ଦ୍ୱାରା ପ୍ରାୟ ୯୫ ପ୍ରତିଶତ ବୁକିଂ ହେଉଛି ଏବଂ ପ୍ରାୟ ୮୫ ପ୍ରତିଶତ ବିତରଣକୁ କଭର କରୁଥିବା ଓଟିପି-ଆଧାରିତ ପ୍ରମାଣୀକରଣ ଦ୍ୱାରା ଯୋଗାଣ ପ୍ରକୃତ ଉପଭୋକ୍ତାଙ୍କ ପାଖରେ ପହଂଚିବା ନିର୍ଣ୍ଣିତ ହେବ । ସଂଶୟରହିତ ବୁକିଂକୁ ରୋକିବା ପାଇଁ, ସହରାଂଚଳରେ କ୍ରମାଗତ ଏଲପିଜି ବୁକିଂ ମଧ୍ୟରେ ସର୍ବନିମ୍ନ ୨୫ ଦିନର ବ୍ୟବଧାନ ଲାଗୁ କରାଯାଇଛି । ବାୟୋମେଟ୍ରିକ୍ ପ୍ରମାଣୀକରଣ ମିଶନ ମୋଡ୍ରେ କରାଯାଉଛି, ଏପର୍ଯ୍ୟନ୍ତ ୬୦ ପ୍ରତିଶତରୁ ଅଧିକ ଉପଭୋକ୍ତାଙ୍କ ପ୍ରମାଣୀକରଣ ସମ୍ପନ୍ନ ହୋଇଛି । ଏହା ବ୍ୟତୀତ, ଅନିୟମିତତା ରୋକିବା ପାଇଁ କଠୋର ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) କାର୍ଯ୍ୟକାରୀ କରାଯାଉଛି ଏବଂ ତୈଳ ବିପଣନ କମ୍ପାନୀ (ଓଏମ୍ସି) ଅଧିକାରୀମାନେ ନିୟମିତ ଯାଂଚ କରୁଛନ୍ତି । କେବଳ ଏପ୍ରିଲ ୨୦୨୬ ମଧ୍ୟରେ ଏଲପିଜି ବିତରକମାନଙ୍କର ୬୦୦ ରୁ ଅଧିକ ଯାଂଚ କରାଯାଇଛି । ଓଡିଶାର ସମସ୍ତ ଇଣ୍ଡିଆନ ଅଏଲ୍ର ଖୁଚୁରା ଦୋକାନ ଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋଲ ଓ ଡିଜେଲ ମହଜୁଦ ଅଛି ଏବଂ ସାଧାରଣ ଚାହିଦା ଅନୁସାରେ ଯୋଗାଇ ଦିଆଯାଉଛି । ରାଜ୍ୟରେ କୌଣସି ପ୍ରକାରର ଇନ୍ଧନ ଅଭାବ ନାହିଁ । ଉପଭୋକ୍ତାମାନଙ୍କୁ ଆତଙ୍କିତ ହୋଇ କ୍ରୟ କରିବା କିମ୍ବା ଅନାବଶ୍ୟକ ସଂଗ୍ରହ କରିବାରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଛି ।

# ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ




ଭୁବନେଶ୍ୱର : ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି କ୍ଷ ୨୦୨୪-୨୫,୨୦୨୫-୨୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ପାରିନଥିବା କାର୍ଯ୍ୟ ସବୁର ପୂର୍ବ କାର୍ଯ୍ୟାଦେଶ ବାତିଲ୍ କରି ନୂଆ ଟେଣ୍ଡର୍ ଆହ୍ୱାନ କରି ୨୦୨୬-୨୭ ବର୍ଷର ବଜେଟରୁ ଅର୍ଥ ବ୍ୟୟ ବ୍ୟବସ୍ଥା କରି ଯଥାଶୀଘ୍ର କାର୍ଯ୍ୟ କରିବାକୁ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ସେହିପରି ବିଭିନ୍ନ କାରଣରୁ ଅବହେଳା କରି କାମ ସାରି ନଥିବା ସଂସ୍ଥା ଅଥବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାଦେଶ ରଦ୍ଦ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଖୁବ୍ ଶୀଘ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ବେଲପାହାଡ଼ ପୌରାଂଚଳ ଗସ୍ତ କରି ଅଟକି ଥିବା ବିଭିନ୍ନ ପ୍ରକଳ୍ପ ସବୁର ସମୀକ୍ଷା କରି ସେ ସମ୍ପର୍କିତ ସମସ୍ୟାସବୁ ବାବଦରେ ଅବଗତ ହେବା ସହ ତୁରନ୍ତ ସମାଧାନ ସହ ପ୍ରକଳ୍ପ କାର୍ଯ୍ୟ ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସ୍, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଂଚଳ ବାସହୀନ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ, ଗେଷ୍ଟ୍ ହାଉସ୍, ଶନିବାରିଆ ବଜାର, ପାଥ୍ ୱେ ଆଦିର ସ୍ଥିତି ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା କ୍ଷ ଆଗାମୀ ଛ ମାସ ଭିତରେ ସମସ୍ତ ପ୍ରକଳ୍ପ ସମାପ୍ତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

# ଟିମ ଇଣ୍ଡିଆର ନୂଆ ଅଧିନାୟକ ହେବେ ଶ୍ରେୟାଶ ଆୟାର !



ନୂଆଦିଲ୍ଲୀ: ଟି-୨୦ କ୍ରିକେଟରେ କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ବଳରେ ଶ୍ରେୟାଶ ଆୟାର ଧୀରେ ଧୀରେ ଚୟନ କମିଟିର ବିଶ୍ୱାସ ଜିତି ପାରିଛନ୍ତି । ଟାଇମ୍ସ ଅଫ ଇଣ୍ଡିଆରେ ପ୍ରକାଶିତ ରିପୋର୍ଟ ଅନୁସାରେ ବିସିସିଆଇ ଚୟନ କମିଟି ବିଶ୍ୱକପ ବିଜେତା ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଉପରେ ବିଶ୍ୱାସ ହରାଇଛି । ଚଳିତ ଆଇପିଏଲରେ ଏବେ ଶ୍ରେୟାଶ ଆୟାରଙ୍କ ପ୍ରଦର୍ଶନ ସେମାନଙ୍କୁ ପ୍ରଭାବିତ କରିଛି । ପରବର୍ତୀ ଟି-୨୦ ବିଶ୍ୱକପ ୨୦୨୮ରେ ଖେଳାଯିବ । ବୋର୍ଡ ଏବେ ଅଧିନାୟକ ଦାୟିତ୍ୱ ଶ୍ରେୟାଶଙ୍କୁ ଦେବା ପାଇଁ ବିଚାର କରୁଛି । ଫର୍ମ ଏବଂ ବୟସ ସୂର୍ଯ୍ୟକୁମାରଙ୍କୁ ବ୍ୟାକଫୁଟକୁ ଠେଲିବା ଆରମ୍ଭ କରିଛି । ଶ୍ରେୟାଶଙ୍କ ନେତୃତ୍ୱରେ ପଞ୍ଜାବ ଭଲ ପ୍ରଦର୍ଶନ ଜାରୀ ରଖିଛି । ୨୦୨୩ ପରଠାରୁ ଶ୍ରେୟାଶ ଭାରତ ପକ୍ଷରୁ କୌଣସି ଆନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳି ନାହାନ୍ତି । ଏବେ ବି ସେ ଦଳର ନିୟମିତ ସଦସ୍ୟ ନାହାନ୍ତି । ବିସିସିଆଇ ଏବେ ୨୦୨୭ ଦିନିକିଆ ବିଶ୍ୱକପ ପାଇଁ ବ୍ୟସ୍ତ ରହିଛି । ଏହା ପରେ ୨୦୨୮ ଟି୨୦ ବିଶ୍ୱକପ ପାଇଁ ମନୋନିବେଶ କରିବ । ୨୦୧୮ ଶ୍ରେୟାଶ ଦିଲ୍ଲୀ ଡେଭାରଡେଭିଲ୍ସର ନେତୃତ୍ୱ ନେଇଥିଲେ । ଏହା ପରେ ତାଙ୍କ ନେତୃତ୍ୱରେ ୨୦୨୦ ଓ ୨୦୨୨ ତାଙ୍କ ନେତୃତ୍ୱରେ ଦଳ ଫାଇନାଲରେ ପ୍ରବେଶ କରିଥିଲା । ୨୦୨୪ରେ ସେ କେକେଆରରେ ଯୋଗ ଦେଇଥିଲେ । କେକେଆର ତାଙ୍କ ନେତୃତ୍ୱରେ ଟାଇଟଲ ହାସଲ କରିଥିଲା । ଏବେ ସେ ପଞ୍ଜାବ କିଙ୍ଗସର ଭାଗ୍ୟ ସଜାଡୁଛନ୍ତି । ଚଳିତ ସିଜନରେ ପଞ୍ଜାବ ଏ ପର୍ଯ୍ୟନ୍ତ ଏକମାତ୍ର ଟିମ ଭାବେ ଅପରାଜେୟ ରହିଛି । ଯଦି ପଞ୍ଜାବ ଟାଇଟଲ ହାସଲ କରେ ତେବେ ଶ୍ରେୟାଶଙ୍କ ଭାଗ୍ୟ ଖୋଲିବା ଏକପ୍ରକାର ନିଶ୍ଚିତ ମନେ କରାଯାଉଛି ।

# ଆଜି ଛତିଶଗଡ଼ର ନୂତନ ମଲ୍ଟି-ସ୍ପୋର୍ଟସ୍ ଗ୍ରାଉଣ୍ଡକୁ ଉଦ୍‌ଘାଟନ କରିବେ ସଚିନ ତେନ୍ଦୁଲକର



ଦନ୍ତେୱାଡା : ଛତିଶଗଡ଼ର ନକ୍ସଲ ପ୍ରଭାବିତ ଦନ୍ତେୱାଡା ଜିଲ୍ଲା ପାଇଁ ୨୨ ଏପ୍ରିଲ ଦିନଟି ବିଶେଷ ହେବାକୁ ଯାଉଛି । ଏହି ଦିନ କ୍ରିକେଟ୍‌ର ମହାନ ଖେଳାଳି ସଚିନ ତେନ୍ଦୁଲକର ଦନ୍ତେୱାଡା ଭ୍ରମଣରେ ଆସୁଛନ୍ତି । ସେ ଛିନ୍ଦନାର, ଜାୱଙ୍ଗା ଏବଂ ପନେଡା ପରି ଗାଁରେ ତିଆରି ହୋଇଥିବା ନୂତନ ମଲ୍ଟି-ସ୍ପୋର୍ଟସ୍ ଗ୍ରାଉଣ୍ଡର ଉଦ୍ଘାଟନ କରିବେ । କଲେକ୍ଟର ମୟଙ୍କ ଚତୁର୍ବେଦୀ କହିଛନ୍ତି ଯେ ଏହି ଭ୍ରମଣ କେବଳ ଏକ ଉଦ୍ଘାଟନ କାର୍ଯ୍ୟକ୍ରମ ନୁହେଁ, ବରଂ 'ମୈଦାନ କପ୍' ପ୍ରୟାସ ମାଧ୍ୟମରେ ଜିଲ୍ଲାର ସୁଦୂର ଗାଁମାନଙ୍କର ଶିଶୁମାନଙ୍କୁ ଖେଳ ସହିତ ଯୋଡ଼ିବାର ଏକ ବଡ଼ ଯୋଜନା । ଅଧିକାରୀମାନଙ୍କ କହିବା ଅନୁସାରେ ସଚିନ ତେନ୍ଦୁଲକର ଫାଉଣ୍ଡେସନ ଏବଂ ପ୍ରଶାସନ ମିଶି ୫୦ଟି ଖେଳ ମାଇଦାନ ତିଆରି କରୁଛନ୍ତି, ଯାହାମଧ୍ୟରୁ ୧୫ଟି ମୈଦାନର କାମ ସମ୍ପୂର୍ଣ୍ଣ ହୋଇଯାଇଛି । ଜିଲ୍ଲା ପ୍ରଶାସନ ଅନୁସାରେ 'ମାଷ୍ଟର ବ୍ଲାଷ୍ଟର' ସଚିନ ତେନ୍ଦୁଲକର ବୁଧବାର ସକାଳ ୦୯:୩୦ରୁ ୧୦:୩୦ ମଧ୍ୟରେ ଚାର୍ଟାର୍ଡ ବିମାନରେ ରାୟପୁର ସ୍ଥିତ ସ୍ୱାମୀ ବିବେକାନନ୍ଦ ବିମାନବନ୍ଦରରେ ପହଂଚିବେ । ସେଠାରୁ ସେ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସହ ହେଲିକପ୍ଟର ଯୋଗେ ସିଧାସଳଖ ଦନ୍ତେୱାଡାକୁ ଯିବେ । ଏହା ପାଇଁ ନକ୍ସଲ ପ୍ରଭାବିତ ଅଂଚଳରେ ପୁଲିସ ପ୍ରଶାସନ ଦ୍ୱାରା କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି । ଏହା ପୂର୍ବରୁ କଲେକ୍ଟର ମୟଙ୍କ ଚତୁର୍ବେଦୀ ଏବଂ ଏସପି ଗୌରବ ରାୟ ସ୍ୱୟଂ ଛିନ୍ଦନାର ଓ ପନେଡାର ମୈଦାନଗୁଡ଼ିକୁ ନିରୀକ୍ଷଣ କରିଥିଲେ ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,

Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି    BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**